


ସହଯୋଗ ରାଶି : ଟ ୧୦.୦୦ ଙ୍କା ମାତ୍ର


ଶକ୍ତି ଅନୁଷ୍ଠାନ, ରାୟଗଡ଼ା

# ପଞ୍ଚାୟତରାଜ ବ୍ୟବସ୍ଥା

ପଞ୍ଚାୟତ ଲୋକପ୍ରତିନିଧିଙ୍କ ନିମନ୍ତେ ସୂଚନା ପୁସ୍ତିକା




## ଶକ୍ତି ଅନୁଷ୍ଠାନ, ରାୟଗଡ଼ା




# ପଞ୍ଚାୟତରାଜ ବ୍ୟବସ୍ଥା

## ପଞ୍ଚାୟତ ଲୋକପ୍ରତିନିଧିଙ୍କ ନିମନ୍ତେ ସୂଚନା ପୁସ୍ତିକା




**SHAKTI ORGANISATION**

Sai Priya Nagar, Po./Dist. Rayagada, Orissa

Phone: 06856-225762, E-Mail: shaktiorg@gmail.com

# ପଞ୍ଚାୟତରାଜ ବ୍ୟବସ୍ଥା PANCHAYATRAJ SYSTEM

**ପ୍ରକାଶକ :**
ଶକ୍ତି ଅନୁଷ୍ଠାନ,
ସାଇପ୍ରିୟା ନଗର,
ରାୟଗଡ଼ା-୭୬୫୦୦୧
ଜିଲ୍ଲା: ରାୟଗଡ଼ା, ଓଡ଼ିଶା
ଦୂରଭାଷ: ୦୬୮୫୬-୨୨୫୭୬୨
: ୦୬୮୫୭-୨୬୨୧୧୫

Publisher:
**Shakti Organisation,**
Sai Priya Nagar,
Rayagada -765001, Orissa.
Phone: 06856-225762,
: 06857 -262115

**ପ୍ରକଳ୍ପ :**
ମହିଳା ପଞ୍ଚାୟତରାଜ ପ୍ରତିନିଧି
ସଶକ୍ତିକରଣ ପ୍ରକଳ୍ପ

Project :
Empowerment of Women
Panchyatraj Representatives{EWPR}

**ସହାୟତା :**
ଡି.ଏଫ୍. ଆଇ. ଡି
{ଓ.ସି.ଏସ୍.ପି.ପି - ପ୍ରିୟା }

Courtesy:
D.F.I.D.
{OCSPP-PRIA}

**ପ୍ରକାଶନ :**
ପ୍ରଥମ ସଂସ୍କରଣ, ଜୁନ - ୨୦୦୭

Edition:
First Edition, June-2007.

**ମୁଦ୍ରଣ:**
ଆଦିତ୍ୟ ଗ୍ରାଫିକ୍ସ, ରାୟଗଡ଼ା

Printed at:
Aditya Graphics, Rayagada.

**ସହଯୋଗ ରାଶି:**
ଟ. ୧୦/- ଙ୍କା ମାତ୍ର

Contributory Price : Rs. 10/-

{ଜନସ୍ୱାର୍ଥ ଉଦ୍ଦେଶ୍ୟରେ ସରକାରୀ ପଞ୍ଚାୟତରାଜ ଆଇନବିଧି ବ୍ୟବସ୍ଥାରୁ ସଂଗୃହୀତ ତଥ୍ୟର ପ୍ରକାଶନ ଏବଂ ଘରୋଇ ପ୍ରସାରଣ ନିମନ୍ତେ ଉଦ୍ଦିଷ୍ଟ}

(Printed & Published for Public Interest and for private circulation only)

{ସବିଶେଷ ବିବରଣୀ ପାଇଁ ପାଠକ ପାଠିକାମାନେ ଓଡ଼ିଶା ଗ୍ରାମପଞ୍ଚାୟତ ସମ୍ବନ୍ଧୀୟ ମାନୁଏଲ୍ ଏବଂ ସରକାରୀ ଗେଜେଟ୍ ନୋଟିଫିକେସନ୍ ଗୁଡ଼ିକୁ ବ୍ୟବହାର କରିବା ବିଧେୟ}



## ସୂଚୀପତ୍ର

୧) ୭୩ତମ ସମ୍ବିଧନ ସଂଶୋଧନ ଏବଂ ପଞ୍ଚାୟତରାଜ ୪
୨) ଗ୍ରାମ ପଞ୍ଚାୟତର କ୍ଷମତା ଓ କର୍ତ୍ତବ୍ୟ ୬
୩) ଅତିରିକ୍ତ କ୍ଷମତା ୧୦
୪) ପଲ୍ଲୀସଭା ୧୧
୫) ଗ୍ରାମ ସଭା ୧୫
୬) ୱାର୍ଡମେମ୍ବରଙ୍କ କ୍ଷମତା ଓ କର୍ତ୍ତବ୍ୟ ୧୯
୭) ସରପଞ୍ଚଙ୍କ କ୍ଷମତା ଓ କର୍ତ୍ତବ୍ୟ ୧୯
୮) ନାଏବ ସରପଞ୍ଚଙ୍କ କ୍ଷମତା ଓ କର୍ତ୍ତବ୍ୟ ୧୯
୯) କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କ୍ଷମତା ୨୦
୧୦) ସଂପାଦକଙ୍କ କାର୍ଯ୍ୟ ୨୧
୧୧) ପଞ୍ଚାୟତ ସମିତିର କ୍ଷମତା ଓ କର୍ତ୍ତବ୍ୟ ୨୨
୧୨) ଜିଲ୍ଲା ପରିଷଦର କ୍ଷମତା ଓ କର୍ତ୍ତବ୍ୟ ୨୩

# ଉତ୍ସର୍ଗ

୭୩ତମ ସାମ୍ବିଧାନିକ ସଂଶୋଧନ ଅନ୍ତର୍ଗତ ପଞ୍ଚାୟତରାଜ ବ୍ୟବସ୍ଥା ନିଶ୍ଚିତଭାବେ ଏକ ବହୁପ୍ରଶଂସନୀୟ ଓ ପ୍ରତୀକ୍ଷିତ ପଦକ୍ଷେପ । ଏହି ସଂଶୋଧିତ ବ୍ୟବସ୍ଥା ଫଳରେ ବର୍ତ୍ତମାନ ପଞ୍ଚାୟତରାଜ ବ୍ୟବସ୍ଥା ଉଦ୍‌ଜୀବିତ ହୋଇଛି । ମହାତ୍ମାଗାନ୍ଧୀଙ୍କ ସ୍ୱପ୍ନର ଗ୍ରାମ ସ୍ୱରାଜ ଏହି ବ୍ୟବସ୍ଥା ମାଧ୍ୟମରେ ସାକାର ହୋଇପାରିବ ।

ପଞ୍ଚାୟତରାଜ ବ୍ୟବସ୍ଥା ରୂପକ ରଥରେ ନିର୍ବାଚିତ ଲୋକ ପ୍ରତିନିଧିମାନେ ସାରଥି ସଦୃଶ ଏହାର କାର୍ଯ୍ୟକ୍ରମଗୁଡିକୁ ସଂପାଦନ କରିଥାନ୍ତି । ସେମାନେ ଜନସାଧାରଣ ଓ ସରକାରୀ ବ୍ୟବସ୍ଥା ମଧ୍ୟରେ ସେତୁ ଭାବେ କାର୍ଯ୍ୟ କରିଥାନ୍ତି । ଏଣୁ ସେମାନେ ପ୍ରଥମେ ନିଜର ଦାୟିତ୍ୱ, ଭୂମିକା, କ୍ଷମତା ଓ କାର୍ଯ୍ୟପରିସରକୁ ଭଲଭାବେ ଜାଣିବା ଆବଶ୍ୟକ । ଦାୟିତ୍ୱ ଓ କ୍ଷମତାକୁ ଜାଣିବା ସତ୍ତ୍ୱେ ଯଦି କାର୍ଯ୍ୟରେ ନ ଲଗାଇବେ ପାଇଥିବା କ୍ଷମତାର କିଛି ମୂଲ୍ୟ ରହିବ ନାହିଁ ।

ପଞ୍ଚାୟତ ପ୍ରତିନିଧିମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ସରକାରୀ ଓ ବେସରକାରୀ ଭାବେ ବିଭିନ୍ନ ଉଦ୍ୟମ କରାଯାଉଛି । ରାୟଗଡ଼ା ଜିଲ୍ଲାରେ ଶକ୍ତି ଅନୁଷ୍ଠାନ ତରଫରୁ ପଞ୍ଚାୟତରାଜ ପ୍ରତିନିଧିମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ବିଭିନ୍ନ ପଦକ୍ଷେପମାନ ନିଆଯାଉଅଛି । ଏହି କ୍ରମରେ ପଞ୍ଚାୟତରାଜ ବ୍ୟବସ୍ଥାର ବିଭିନ୍ନ ମୌଳିକ ବିଷୟକୁ ନେଇ ଏହି ସଂସ୍କରଣ ପ୍ରକାଶ କରୁଅଛୁ । ଆଶା କରୁ ଏଥିରେ ଥିବା ବିଷୟବସ୍ତୁକୁ ହୃଦୟଙ୍ଗମ କରି ପଞ୍ଚାୟତ ପ୍ରତିନିଧି ମାନେ ଲୋକଙ୍କର ତଥା ଗାଁ ର ଉନ୍ନତିରେ ସହାୟକ ହେବେ ।

ଅଭିନନ୍ଦନ ସହ,

ଶକ୍ତି ଅନୁଷ୍ଠାନ, ରାୟଗଡ଼ା




# ୭୩ ତମ ସମ୍ବିଧାନ ସଂଶୋଧନ ଏବଂ ପଞ୍ଚାୟତରାଜ




ମହାତ୍ମାଗାନ୍ଧିଙ୍କ ଗ୍ରାମ-ସ୍ୱରାଜ ଚିନ୍ତାଧାରାର ଦୀର୍ଘ ୪୫ ବର୍ଷପରେ ୭୩ତମ ସମ୍ବିଧାନ ସଂଶୋଧନ ଆଇନ ରୂପରେ ୧୯୯୨ ମସିହା ଡ଼ିସେମ୍ବର ୨୨ ତାରିଖରେ ଲୋକସଭା ଦ୍ୱାରା ପାସ୍ କରାଗଲା । ଏହି ଆଇନଟି ୧୯୯୩ ମସିହା ଏପ୍ରେଲ ୨୧ ତାରିଖରୁ ସମଗ୍ର ଦେଶରେ କାର୍ଯ୍ୟକରାଗଲା । ଯାହାକୁ ଆମେ୭୩ତମ ସମ୍ବିଧାନ ସଂଶୋଧିତ ବ୍ୟବସ୍ଥା ବୋଲି କହୁ ।ଏହି ସଂଶୋଧନ ଦ୍ୱାରା ପଞ୍ଚାୟତ, ପଞ୍ଚାୟତ ସମିତି ଏବଂ ଜିଲ୍ଲା ପରିଷଦରେ ଜନ ସାଧାରଣଙ୍କୁ ପ୍ରଚୁର କ୍ଷମତା ଦିଆଯାଇଛି । କ୍ଷମତାକୁ ବିକେନ୍ଦ୍ରୀକରଣ କରିବା ହେଉଛି ପଞ୍ଚାୟତରାଜର ମୂଳଲକ୍ଷ୍ୟ । ୭୩ତମ ସମ୍ବିଧାନ ସଂଶୋଧନ ପୂର୍ବରୁ କେନ୍ଦ୍ର ଏବଂ ରାଜ୍ୟ ଦୁଇଟି ସ୍ତରରେ ହିଁ କ୍ଷମତା ସୀମିତ ଥିଲା । ବର୍ତ୍ତମାନ ତୃତୀୟ ସ୍ତରରେ ସରକାର ଗଠନର ବ୍ୟବସ୍ଥା ପଞ୍ଚାୟତରାଜ ଶାସନ ଦ୍ୱାରା ଲୋକଙ୍କୁ ପ୍ରାପ୍ତ ହୋଇଛି । ଯଥା- ପଞ୍ଚାୟତ ସ୍ତରରେ ଗ୍ରାମପଞ୍ଚାୟତ,ବ୍ଲକ୍ ସ୍ତରରେ ପଞ୍ଚାୟତ ସମିତି ଏବଂ ଜିଲ୍ଲାସ୍ତରରେ ଜିଲ୍ଲାପରିଷଦ । ଏହାଦ୍ୱାରା ନିଜକୁ ଶାସନ କରିବା କ୍ଷମତା ସାଧାରଣ ଲୋକେ ପାଇପାରିଛନ୍ତି ।

ଇତିପୂର୍ବେ ଗ୍ରାମପଞ୍ଚାୟତ ଏବଂ ପଞ୍ଚାୟତ ସମିତି ବିଭିନ୍ନ ଯୋଜନା ସମିତି କାର୍ଯ୍ୟକାରୀ କରୁଥିଲେ ସୁଦ୍ଧା କ୍ଷମତାଟି ରାଜ୍ୟ ସରକାରଙ୍କ ପାଖରେ ନ୍ୟସ୍ତ ରହୁଥିଲା । ରାଜ୍ୟ ସରକାର ଏହି ଦୁଇଟି ସ୍ତରର ପଞ୍ଚାୟତ ଅନୁଷ୍ଠାନଗୁଡ଼ିକୁ ନିଜ ଇଚ୍ଛାନୁସାରେ ନିୟନ୍ତ୍ରଣ କରୁଥିଲେ ଏବଂ ଆବଶ୍ୟକ ସ୍ଥଳେ ଭାଙ୍ଗି ଦେଉଥିଲେ । ପ୍ରସ୍ତୁତ ପଞ୍ଚାୟତ ରାଜ ବ୍ୟବସ୍ଥା ଦ୍ୱାରା ପଞ୍ଚାୟତକୁ କ୍ଷମତା ହସ୍ତାନ୍ତର କରାଯାଇଛି । ଏହାଦ୍ୱାରା ରାଜ୍ୟସରକାର ଆଗଭଳି ନିଜ ଇଚ୍ଛାନୁସାରେ ପଞ୍ଚାୟତ ଅନୁଷ୍ଠାନ ଗୁଡ଼ିକୁ ଭଙ୍ଗାଗଢା କରିପାରିବେ ନାହିଁ । ଯଦି ପଞ୍ଚାୟତ ସଂସ୍ଥାଗୁଡ଼ିକ ଅସମ୍ବିଧାନିକ କାମ କରନ୍ତି ତେବେ ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନଧାରା ୨୪୩ ଙ (୧) ଅନୁଯାୟୀ ଏ ଗୁଡ଼ିକୁ ଭାଙ୍ଗିଦେଇପାରିବେ, କିନ୍ତୁ ଧାରା ୨୪୩ (ୟୁ) (୩) ଅନୁସାରେ ୬ ମାସ ଭିତରେ ନିର୍ବାଚନ କରେଇବାକୁ ବାଧ୍ୟ ହେବେ।



## ଗ୍ରାମପଞ୍ଚାୟତର କ୍ଷମତା ଓ କର୍ତ୍ତବ୍ୟ:-

ସ୍ୱୟତ୍ତ ଶାସନକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାରଙ୍କଠାରେ ପୂର୍ବରୁ ଥିବା କେତେକ କ୍ଷମତା ଗ୍ରାମପଞ୍ଚାୟତକୁ ଦିଆଯାଇଛି । ଗ୍ରାମ ପଞ୍ଚାୟତର ଏହି କ୍ଷମତା ଓ କର୍ତ୍ତବ୍ୟଗୁଡ଼ିକ ନିମ୍ନରେ ଦିଆଗଲା ।




- ଗାଁ ଲୋକ ବ୍ୟବହାର କରୁଥିବା ଜାଗା ଓ ଯିବା ଆସିବା ରାସ୍ତା ଉପରେ ଅନଧିକାର ଦଖଲକୁ ବନ୍ଦ କରିବା ।
- ଯଦି କୌଣସି ବ୍ୟକ୍ତିର ବାଡ଼ ବା ଗଛର ଡ଼ାଳ ସର୍ବସାଧାରଣ ରାସ୍ତା ଉପରକୁ ମାଡ଼ି ଆସିଥାଏ ସେସବୁକୁ କାଟିବା ।
- ଗାଁ ଲୋକେ ପିଇବା ଓ ରାନ୍ଧିବା ପାଇଁ ବ୍ୟବହାର କରୁଥିବା ପାଣିରେ ଗାଈଗୋରୁ ଧୋଇବା, ଗାଧୋଇବା, ଲୁଗାସଫା କରିବା ତଥା ପାଣିକୁ ଦୂଷିତ କରୁଥିବା ଅନ୍ୟ ସେଭଳି କାର୍ଯ୍ୟକୁ ଗ୍ରାମପଞ୍ଚାୟତ ବନ୍ଦ କରିବ ।

ଯଦି କୌଣସି ବ୍ୟକ୍ତିର ପୋଖରୀ ବା କୂଅ ପାଣିକୁ ସର୍ବସାଧାରଣ ବ୍ୟବହାର କରୁଥାନ୍ତି ତେବେ ତାର ମାଲିକଙ୍କୁ ନିମ୍ନଲିଖିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବେ ।

୧. ପୋଖରୀ ଓ କୂଅର ଉଚିତ ମରାମତି, ରକ୍ଷଣାବେକ୍ଷଣ, ସଫା ଦୂଷିତ ନ ହେବା ପାଇଁ ପ୍ରତିରୋଧ ବ୍ୟବସ୍ଥା ଗ୍ରହଣ

୨. ଯଦି ପୋଖରୀ ଓ କୂଅ ପାଣି ଦୂଷିତ ହୋଇଥାଏ ତେବେ ବ୍ୟବହାର କରିବା ପାଇଁ ନିଷେଧ କରିବାର ବ୍ୟବସ୍ଥା ।

- ଗ୍ରାମପଞ୍ଚାୟତ ଦେଇଥିବା ନୋଟିସ ଅନୁସାରେ ସଂପୃକ୍ତ ବ୍ୟକ୍ତି ( ଯାହାକୁ ନୋଟିସ ଦିଆଯାଇଥିବ ) ନିର୍ଦ୍ଧାରିତ ସମୟ ମଧ୍ୟରେ ଯଦି କୌଣସି ପଦକ୍ଷେପ ନ ନିଅନ୍ତି ତେବେ ଗ୍ରାମପଞ୍ଚାୟତ ନିଜ ଖର୍ଚ୍ଚରେ ଆବଶ୍ୟକ ପଦକ୍ଷେପ ନେଇ ପାରିବ ।
- ସ୍ୱାସ୍ଥ୍ୟୋନ୍ନତି ପାଇଁ ଗ୍ରାମପଞ୍ଚାୟତ କୌଣସି ଜମି ଓ ଘରବାଡ଼ିର ମାଲିକଙ୍କୁ ପାଇଖାନା, ପରିସ୍ରାଗାର,ପାଣିଟାଙ୍କି,ନାଳ,ମଇଳାକୂଅ ଇତ୍ୟାଦିର ମଇଳାକୁ ବନ୍ଦ କରିବା ପାଇଁ ଓ ପରିଷ୍କାର କରିବା ପାଇଁ ଆଦେଶ ଦେବ ।
- ଯଦି ଗ୍ରାମପଞ୍ଚାୟତ ଉଚିତ୍ ମନେକରେ, ଘରୋଇ ନାଳ ତିଆରି କରେଇ ପାରିବ ତିଆରି କରିବା ପାଇଁ ଜମି ବା ଘରର ମାଲିକଙ୍କୁ ନୋଟିସ୍ ଦେବ ।



- ହାଟ, ଗ୍ରାମର ମେଳା, ଯାନିଯାତ୍ରା, ଉତ୍ସବ, ବଜାର ଇତ୍ୟାଦିରେ ସାଇକେଲ, ଶଗଡ଼ ଗାଡ଼ି ଷ୍ଟାଣ୍ଡ ସ୍ଥାପନ ଓ ରକ୍ଷଣାବେକ୍ଷଣ ତଥା ତାର ନିୟନ୍ତ୍ରଣ କରିବ ।
- ଗ୍ରାମ ପଞ୍ଚାୟତର ବିନା ଅନୁମତିରେ କୌଣସି ଲୋକ ହାଟରେ ଗୃହପାଳିତ ପଶୁ କମ୍ବା ଅନ୍ୟ ଜିନିଷପତ୍ର ବିକ୍ରି କରିପାରିବେ ନାହିଁ ।
- ଯାତାୟତର ରାସ୍ତା କଡରେ ଜିନିଷ ବିକ୍ରୀ କରିବା ପାଇଁ ଗ୍ରାମପଞ୍ଚାୟତ ନିଷେଧ କରିପାରିବ ।
- ଅନିଷ୍ଟକର ଏବଂ ମାରାତ୍ମକ ବାଣିଜ୍ୟ ବ୍ୟବସାୟକୁ ନିୟନ୍ତ୍ରଣ ଏବଂ ବନ୍ଦ କରିପାରିବ ।
- ବୁଲା ଓ ପାଗଳା କୁକୁରକୁ ମାରିପାରିବ ।
- କୌଣସି ବ୍ୟକ୍ତିର ମୃତ୍ୟୁ ଘଟିବାର ୨୪ ଘଣ୍ଟା ମଧ୍ୟରେ ଯଦି ଶବ ଦାହ ନ କରାଯାଏ ତେବେ ଗ୍ରାମପଞ୍ଚାୟତ ମୃତ ପରିବାରଠାରୁ ପଇସା ଆଦାୟ କରି ସେମାନଙ୍କର ଧର୍ମ ଅନୁସାରେ ପୋଡ଼ି ପାରିବ ବା ପୋତି ପାରିବ । ଯଦି ମୃତ ବ୍ୟକ୍ତିର କେହି ସମ୍ପର୍କୀୟ ନ ଥିବେ ତେବେ ଗ୍ରାମପଞ୍ଚାୟତ ନିଜ ଖର୍ଚ୍ଚରେ ଶବଦାହ କରିବାର ବ୍ୟବସ୍ଥା କରିବ ।
- ଜୁଆଖେଳ ନିଷେଧ କରିବ ଏବଂ ତାକୁ ରୋକିବା ପାଇଁ କାର୍ଯ୍ୟକ୍ରମ ଲାଗୁକରିବ ।

### କର୍ତ୍ତବ୍ୟ:

ସାଧାରଣତଃ ଗ୍ରାମପଞ୍ଚାୟତର କର୍ତ୍ତବ୍ୟ ଦୁଇ ପ୍ରକାରର ଅଟେ । ଯଥା ବାଧ୍ୟତାମୂଳକ ଓ ସ୍ୱେଚ୍ଛାକୃତ ।

### ବାଧ୍ୟତାମୂଳକ କାର୍ଯ୍ୟ

- ✓ ରାସ୍ତାନିର୍ମାଣ, ନାଳ ନିର୍ମାଣ, ଜଳଭଣ୍ଡାର ନିର୍ମାଣ, ପ୍ରାଥମିକ ବିଦ୍ୟାଳୟ ସ୍ଥାପନ, ଗ୍ରାମ୍ୟଗୃହ ନିର୍ମାଣ, ଏହାର ମରାମତି ରକ୍ଷଣାବେକ୍ଷଣ ଓ ବିକାଶ ।
- ✓ ସର୍ବସାଧାରଣ ସ୍ଥାନ ଓ ରାସ୍ତାରେ ଆଲୋକ, ଜଳ ଓ ପରିଷ୍କାର ପରିଚ୍ଛନ୍ନତାର ବ୍ୟବସ୍ଥା ।
- ✓ ନର୍ଦ୍ଦମା ପାଣି, ମଇଳା ପାଣି ଏବଂ ସର୍ବସାଧାରଣ ପାଇଖାନା ,ପରିସ୍ରାଗାର ଏବଂ ଅନ୍ୟାନ୍ୟ ଅପରିଷ୍କାର ଜାଗାକୁ ପରିଷ୍କାର କରାଇବା ବ୍ୟବସ୍ଥା ।
- ✓ ସଂକ୍ରାମକ ରୋଗ ଯଥା ହଇଜା,ବସନ୍ତ, ମିଳିମିଳା ଇତ୍ୟାଦି ମାରାତ୍ମକ ରୋଗ ଯେପରି ନ ବ୍ୟାପେ ସେଥିପାଇଁ ପ୍ରତିଷେଧକ ଓ ଚିକିତ୍ସା ବ୍ୟବସ୍ଥା ।
- ✓ ନିର୍ଦ୍ଧାରିତ ରେଜିଷ୍ଟରରେ ଜନ୍ମ,ମୃତ୍ୟୁ ଓ ବିବାହର ରେଜିଷ୍ଟ୍ରେସନ କରାଇବା ।
- ✓ ପ୍ରାଥମିକ ଶିକ୍ଷାପାଇଁ ପ୍ରାଥମିକ ବିଦ୍ୟାଳୟ ଗଠନ ଏବଂ ତାର ରକ୍ଷାଣବେକ୍ଷଣ ପାଇଁ ଆବଶ୍ୟକ ସାହାଯ୍ୟ ବ୍ୟବସ୍ଥା ।

✓ କୃଷି ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ଯୋଜନା ତିଆରି କରିବା । ଉନ୍ନତ କୃଷି ପ୍ରଣାଳୀ ଏବଂ ଫସଲନାଶକ କୀଟ ନିୟନ୍ତ୍ରଣ ଓ ଦୂରୀକରଣ ବ୍ୟବସ୍ଥା କରିବା ।

✓ ଗ୍ରାମବାସୀଙ୍କ ଲାଭ ପାଇଁ ଗୋଚର ଜମି ଓ ପଡିଆର ସଂରକ୍ଷଣ, ତାହାର ପରିଚାଳନା ଏବଂ ତଦାରଖ କରିବା ।

✓ ଜନସଂଖ୍ୟା ଓ ପଶୁସଂଖ୍ୟା ସମ୍ପର୍କୀୟ ରେକର୍ଡର ରକ୍ଷଣାବେକ୍ଷଣ ।

✓ ଗୋରୁ ବିକ୍ରୟର ରେଜିଷ୍ଟ୍ରେସନ ବ୍ୟବସ୍ଥା ।

✓ ଗୋରୁଗାଈ ଯିବା ଆସିବା ପାଇଁ ଫସଲ ଯେପରି ନଷ୍ଟ ହେବନାହିଁ ତାର ବ୍ୟବସ୍ଥା

✓ ଗ୍ରାମ ଜମି ଏବଂ ଗ୍ରାମ ସୀମା ନିର୍ଦ୍ଧାରଣର ପର୍ଯ୍ୟବେକ୍ଷଣ ଓ ଗ୍ରାମ ରେକର୍ଡ ପତ୍ରର ରକ୍ଷଣାବେକ୍ଷଣ ବ୍ୟବସ୍ଥା ।

✓ ମୃତ୍ତିକା ସଂରକ୍ଷଣ ( ସଏଲ କନଜରଭେସନ) କାର୍ଯ୍ୟଗୁଡ଼ିକର ତଦାରଖ ଓ ତତ୍ତ୍ୱାବଧାନ ।

✓ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ, ମହିଳା ଓ ଶିଶୁ କଲ୍ୟାଣ କାର୍ଯ୍ୟକ୍ରମ ଏବଂ ବିକଳାଙ୍ଗ ତଥା ମାନସିକ ରୋଗଗ୍ରସ୍ତ ଲୋକଙ୍କ କଲ୍ୟାଣର ବ୍ୟବସ୍ଥା ।

✓ ସାଧାରଣ ଯୋଗାଣ ବ୍ୟବସ୍ଥା ( କଣ୍ଟ୍ରୋଲ ଦୋକାନ )

✓ ଗୋଷ୍ଠୀ ସମ୍ପତ୍ତି ଯଥା - ପୋଖରୀ, ଜଙ୍ଗଲ ଗୋଚର ଜମିର ରକ୍ଷଣାବେକ୍ଷଣ

✓ କ୍ଷୁଦ୍ର ଶିଳ୍ପର ବିକାଶ

✓ ଗ୍ରାମପଞ୍ଚାୟତ ଅଧିନରେ ଥିବା ସମ୍ପତ୍ତିର ସୁରକ୍ଷା, ରକ୍ଷଣାବେକ୍ଷଣ ଏବଂ ଉନ୍ନତି ବ୍ୟବସ୍ଥା ।

## ସ୍ୱେଚ୍ଛାକୃତ କାର୍ଯ୍ୟ

★ ଗ୍ରାମପଞ୍ଚାୟତ ହାତରେ ଯେଉଁସବୁ ସର୍ବସାଧାରଣ ରାସ୍ତା ଓ ସ୍ଥାନ ଅଛି, ତା ପାର୍ଶ୍ୱରେ ଓ ସେଥିରେ ବୃକ୍ଷରୋପଣ ଏହାର ରକ୍ଷଣାବେକ୍ଷଣ ।

★ ରାଜ୍ୟ ସରକାର ଯେଉଁସବୁ ଜଙ୍ଗଲକୁ ଗ୍ରାମ୍ୟ ଜଙ୍ଗଲ ବୋଲି ଘୋଷଣା କରିଥିବେ ତାହାର ରକ୍ଷଣାବେକ୍ଷଣ ।

★ ଉନ୍ନତ ପ୍ରଜନନ ଉପାୟରେ ଉନ୍ନତ ଧରଣର ଜୀବଜନ୍ତୁ ଉତ୍ପତ୍ତି କରିବା, ପଶୁମାନଙ୍କ ଚିକିତ୍ସା ଓ ପଶୁରୋଗ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ ।

★ ସମବାୟ ସମିତି ଗଠନ ଓ ଉନ୍ନତ ଧରଣର ବିହନ,ଯନ୍ତ୍ରପାତି ପାଇଁ ସମବାୟ ଭଣ୍ଡାର ପ୍ରତିଷ୍ଠା କରିବା । ଜମି ଓ ଅନ୍ୟାନ୍ୟ ସମ୍ପତ୍ତିର ସାମୂହିକ ପରିଚାଳନାର ବ୍ୟବସ୍ଥା, ସାମୂହିକ ଗୋ-ଶାଳା ଏବଂ ଡାଇରୀଫାର୍ମ ସ୍ଥାପନ କରିବା ।

★ ସର୍ବସାଧାରଣ ସ୍ଥାନରେ ପୁସ୍ତକାଗାର, ପାଠାଗାର ର ପ୍ରତିଷ୍ଠା, ବାଦ୍ୟଯନ୍ତ୍ର ଯୋଗାଣ, ଚିତ୍ତବିନୋଦନ ପାଇଁ ଆବଶ୍ୟକୀୟ ସରଞ୍ଜାମ ଯୋଗାଣ ଏବଂ



ସେସବୁର ରକ୍ଷଣାବେକ୍ଷଣ ।

★ ନାରୀ ମଙ୍ଗଳ ଓ ଶିଶୁମଙ୍ଗଳ କାର୍ଯ୍ୟକ୍ରମ ଗ୍ରହଣ ଏବଂ ସେଥିପାଇଁ କେନ୍ଦ୍ରସ୍ଥାପନ ।

★ କୁଟୀର ଶିଳ୍ପର ବିକାଶ ଏବଂ ବାଣିଜ୍ୟ ରୁ ଅର୍ଥ ଉପାର୍ଜନର ବ୍ୟବସ୍ଥା କରିବା ।

★ ଗ୍ରାମପଞ୍ଚାୟତକୁ ସାହାଯ୍ୟ କରିବା ପାଇଁ ସ୍ୱେଚ୍ଛାସେବକ ଦଳ ଗଠନ ।

★ ଦୁର୍ଭିକ୍ଷ ଏବଂ ଅନ୍ୟାନ୍ୟ ବିପଦ ପଡିଲେ ସାହାଯ୍ୟ କରିବା ।

★ ନୌଚାଳନା ଘାଟ, ଖରାଦିନିଆ ଅସ୍ଥାୟୀ ରାସ୍ତା ( ଫେୟାର ୱେଦର ରୋଡ଼ ) କାଞ୍ଜିଆହୋଦା, ପ୍ରତିଷ୍ଠା ଓ ଏହାର ରକ୍ଷଣାବେକ୍ଷଣ ଓ ଏଥିରେ ଟିକସ (ଫିସ) ଲାଗୁ କରିବା ।

★ ଆମୋଦ ପ୍ରମୋଦ କ୍ରୀଡ଼ା କୌତୁକ ପାଇଁ ଆଖଡ଼ା,କ୍ଲବ୍,ଚିତ୍ତ ବିନୋଦନ କେନ୍ଦ୍ର ଗଠନ କରିବା ଓ ରକ୍ଷଣାବେକ୍ଷଣ ।

★ ଧର୍ମଶାଳା, ଆଶ୍ରୟସ୍ଥାନ ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ।

★ ମନୁଷ୍ୟ ଓ ଗାଈଗୋରୁଙ୍କ ଟିକା ଦେବା ବ୍ୟବସ୍ଥା

★ ଯୌତଶିକ୍ଷାର ବ୍ୟବସ୍ଥା ଏବଂ ଅନ୍ୟ ଗ୍ରାମପଞ୍ଚାୟତ ସହିତ ମିଳିତ ଭାବରେ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିବା ।

★ କୃଷି ଓ ଶିଳ୍ପ ଭିତ୍ତିକ ପ୍ରଦର୍ଶନୀମାନ ଅନୁଷ୍ଠିତ କରିବା ଏବଂ ପରିଚାଳନା କରିବା

★ କଂସେଇଖାନା ତିଆରି, ରକ୍ଷଣାବେକ୍ଷଣ ଓ ନିୟନ୍ତ୍ରଣ କରିବା ।

★ ନିଆଁଲିଭା ଦଳ ଗଠନ କରି ଧନଜୀବନକୁ ନିଆଁଡାଉରୁ ରକ୍ଷା କରିବା ।

★ ବେକାରୀ ସଂଖ୍ୟା ପରିଗଣନା କରିବା

★ ଅପମିଶ୍ରିତ ( ଭେଜାଲ ) ଖାଦ୍ୟ ସାମଗ୍ରୀ ତଥା ସ୍ୱାସ୍ଥ୍ୟହୀନ ଘଟାଉଥିବା ଖାଦ୍ୟ ସାମଗ୍ରୀର ବିକ୍ରୀ ଉପରେ ନିୟନ୍ତ୍ରଣ କରିବା ଏବଂ ଏ ବିଷୟରେ କର୍ତ୍ତୃପକ୍ଷଙ୍କୁ ଜଣାଇବା ।



" କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଭଲଭାବେ ଚିନ୍ତା କର, ତୁମେ ନେଉଥିବା ନିଷ୍ପତ୍ତି ଦ୍ୱାରା ସମାଜର ଦରିଦ୍ରରୁ ଦରିଦ୍ରତମ ଲୋକର ମଙ୍ଗଳ ହେବ ନା ନାହିଁ ।"

- ଗାନ୍ଧିଜୀ

# ୭୩ ତମ ସଂବିଧାନ ସଂଶୋଧନ ଅନୁଯାୟୀ ଗ୍ରାମପଞ୍ଚାୟତର ଅତିରିକ୍ତ କ୍ଷମତା ଓ କାର୍ଯ୍ୟ

୭୩ ତମ ସଂବିଧାନ ସଂଶୋଧନ ଆଇନ ଅନୁସାରେ ବର୍ତ୍ତମାନ ଗ୍ରାମ ପଞ୍ଚାୟତ ନିମ୍ନ ଲିଖିତ କାର୍ଯ୍ୟ କରିବା ପାଇଁ କ୍ଷମତା ସଂପନ୍ନ ଅଟେ । ( ଧାରା ୨୪୩ ମୁତାବକ)

୧. କୃଷିର ପ୍ରସାର
୨. ଭୂ-ଉନ୍ନୟନ,ଭୂ-ସଂସ୍କାର,ଚକବନ୍ଦୀ ଓ ମୃତ୍ତିକା ସଂରକ୍ଷଣକୁ କାର୍ଯ୍ୟକାରୀ କରିବା:
୩. କ୍ଷୁଦ୍ର ଜଳସେଚନ, ଜଳ ଯୋଗାଣ ଓ ଅବବାହିକାର ଉନ୍ନୟନ।
୪. ପଶୁପାଳନ
୫. ମତ୍ସ୍ୟପାଳନ
୬. ସାମାଜିକ ବନୀକରଣ ଓ କୃଷିକ୍ଷେତ୍ର ବନୀକରଣ।
୭. ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ
୮. ଖାଦ୍ୟ ପ୍ରକ୍ରିୟାକରଣ, ଶିଳ୍ପ ଓ କ୍ଷୁଦ୍ର ଶିଳ୍ପ।
୯. ଖଦି, ଗ୍ରାମ୍ୟ ଓ କୁଟୀର ଶିଳ୍ପ
୧୦. ଗ୍ରାମ୍ୟ ବାସଗୃହ
୧୧. ପାନୀୟ ଜଳ
୧୨. ଜାଳେଣି ଘାସ, ତୃଣାଦି ପଶୁଖାଦ୍ୟ।
୧୩. ରାସ୍ତା, ନାଳ, ପୋଲ, ଘାଟ, ଜଳପଥ ଏବଂ ଗମନାଗମନର ଅନ୍ୟାନ୍ୟ ଉପାୟ ।
୧୪. ବିଦ୍ୟୁତ ବଣ୍ଟନ ସମେତ ଗ୍ରାମ୍ୟ ବିଦ୍ୟୁତକରଣ।
୧୫. ଅଣ ପାରମ୍ପରିକ ଶକ୍ତି ଉତ୍ସ।
୧୬. ଦାରିଦ୍ର୍ୟ ଦୂରୀକରଣ ଯୋଜନା।
୧୭.ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟ ସମେତ ଶିକ୍ଷା ।
୧୮. ବୈଷୟିକ ପ୍ରଶିକ୍ଷଣ ଏବଂ ବୃତ୍ତିଗତ ଶିକ୍ଷା।
୧୯. ପ୍ରୌଢ଼ ଏବଂ ଅଣ ଆନୁଷ୍ଠାନିକ ଶିକ୍ଷା
୨୦. ପାଠାଗାର
୨୧. ସାଂସ୍କୃତିକ କାର୍ଯ୍ୟକ୍ରମ
୨୨. ବଜାର ଏବଂ ମେଳା
୨୩.ଡାକ୍ତରଖାନା, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଡ଼ିସପେନସରୀ ସମେତ ସ୍ୱାସ୍ଥ୍ୟ ଏବଂ ସ୍ୱାସ୍ଥ୍ୟରକ୍ଷା।
୨୪. ପରିବାର ଓ ଶିଶୁ ବିକାଶ
୨୫. ମହିଳା ଓ ଶିଶୁ ବିକାଶ
୨୬. ଶାରୀରିକ ଅକ୍ଷମ ଏବଂ ମାନସିକ ଦୁର୍ବଳ ବ୍ୟକ୍ତିଙ୍କର କଲ୍ୟାଣ ସମେତ ସମାଜ ମଙ୍ଗଳ।
୨୭. ଦୁର୍ବଳ ଶ୍ରେଣୀ, ବିଶେଷତଃ ତଫସିଲଭୁକ୍ତ ଜାତି ଓ ଉପଜାତିର କଲ୍ୟାଣ
୨୮. ସାର୍ବଜନୀନ ବଣ୍ଟନ ବ୍ୟବସ୍ଥା ବା ପଦ୍ଧତିର ପରିଚାଳନା
୨୯. ଗୋଷ୍ଠୀ ସଂପଦର ରକ୍ଷଣାବେକ୍ଷଣ।



# ପଲ୍ଲୀସଭା




ଗୋଟିଏ ମୌଜାରେ ଥିବା ଛୋଟ ଛୋଟ ଗାଁ ବା ବସ୍ତିକୁ ପଲ୍ଲୀ କୁହାଯାଏ । ପ୍ରତ୍ୟେକ ରାଜସ୍ୱ ମୌଜା ପାଇଁ ଗୋଟିଏ ପଲ୍ଲୀସଭା ଗଢ଼ାଯାଏ । ଯଦି ଗୋଟିଏ ମୌଜାରେ ଗୋଟିଏରୁ ଅଧିକ ୱାର୍ଡ ଥିବ, ତେବେ ମଧ୍ୟ ପ୍ରତ୍ୟେକ ମୌଜା ପାଇଁ ଗୋଟିଏ ମାତ୍ର ପଲ୍ଲୀସଭା ଗଢାହେବ ।

ଗ୍ରାମ ପଞ୍ଚାୟତ ଶାସନ ବ୍ୟବସ୍ଥାରେ ଅଧିକ ଲୋକଙ୍କର ଯୋଗଦାନକୁ ସୁନିଶ୍ଚିତ କରିବା ପାଇଁ ପଲ୍ଲୀସଭା ଗଠନ କରାଯାଏ । ପଲ୍ଲୀସଭା ଜରିଆରେ ଲୋକମାନେ ନିଜ ପଲ୍ଲୀ ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଗ୍ରାମ ପଞ୍ଚାୟତକୁ ସୁପାରିଶ ପଠାଇ ପାରିବେ । ନିଜ ଅଞ୍ଚଳର ସମସ୍ୟାକୁ ଆଗିଆଗରେ ରଖି ବିଭିନ୍ନ କାର୍ଯ୍ୟକ୍ରମର ଯୋଜନା ତିଆରି କରିବା ପାଇଁ ପଲ୍ଲୀସଭା ସୁଯୋଗ ଯୋଗାଇଥାଏ ।

## ପଲ୍ଲୀସଭାର ବୈଠକ

ପଲ୍ଲୀସଭାର ବୈଠକ, ପଲ୍ଲୀସଭା ଅଞ୍ଚଳର ଏପରି ସର୍ବସାଧାରଣ ସ୍ଥାନରେ ଅନୁଷ୍ଠିତ ହେବ, ଯେପରିକି ତାହା ଗ୍ରାମ ପଞ୍ଚାୟତରେ ଥିବା ଏହାର ପ୍ରତିନିଧିମାନଙ୍କ ଦ୍ୱାରା କିମ୍ବା ଗ୍ରାମପଞ୍ଚାୟତ ଦ୍ୱାରା କିମ୍ବା ଏପରି ବୈଠକ ନିମନ୍ତେ ଦାବି କରିଥିବା ବ୍ୟକ୍ତିଙ୍କ ଦ୍ୱାରା ସ୍ଥିର କରାଯାଇଥିବା

- ସମ୍ପୃକ୍ତ ରାଜସ୍ୱ ଗ୍ରାମର ଭୋଟର ତାଲିକାରେ ଥିବା ସମସ୍ତ ବ୍ୟକ୍ତିମାନେ ସେହି ପଲ୍ଲୀସଭାର ସଭ୍ୟ ଅଟନ୍ତି ।
- ପଲ୍ଲୀସଭାର ବୈଠକ ଡ଼ାକିବା ପାଇଁ ଗ୍ରାମ ପଞ୍ଚାୟତ ବ୍ୟବସ୍ଥା କରିବ ।
- ପଲ୍ଲୀସଭାର ବୈଠକ ବର୍ଷକୁ ଥରେ ଫେବୃଆରୀ ମାସରେ ବସିବ । ଏହି ବୈଠକ ବସିବାର ଛଅ ମାସ ପୂର୍ବରୁ ଗ୍ରାମ ପଞ୍ଚାୟତ ବୈଠକର ତାରିଖ ଓ ସ୍ଥାନ ସ୍ଥିର କରିବ ।
- ଗ୍ରାମ ପଞ୍ଚାୟତ ଆବଶ୍ୟକ କଲେ କିମ୍ବା ପଲ୍ଲୀସଭାର ପାଞ୍ଚଭାଗରୁ ଏକ ଭାଗ

ସଭ୍ୟଙ୍କ ଚାହିଦା ଅନୁଯାୟୀ ପଲ୍ଲୀସଭାର ଏକ ସ୍ୱତନ୍ତ୍ର ବୈଠକ ଡ଼ାକାହେବ । ସେପରି ବୈଠକର ତାରିଖ, ସ୍ଥାନ ଓ ଆଲୋଚ୍ୟ ବିଷୟବସ୍ତୁ ବୈଠକ ହେବାର ଅନ୍ତତଃ ୧୫ ଦିନ ପୂର୍ବରୁ ଗ୍ରାମ ପଞ୍ଚାୟତ ସ୍ଥିର କରିବ ।

- ଏକ ସ୍ୱତନ୍ତ୍ର ବୈଠକ ଡ଼ାକାଇବା ପାଇଁ ପଲ୍ଲୀସଭାର ସଭ୍ୟମାନେ ବୈଠକର ସ୍ଥାନ, ତାରିଖ ଓ ସମୟ ଲେଖି ସରପଞ୍ଚଙ୍କୁ ୩୦ ଦିନ ପୂର୍ବରୁ ଜଣାଇବେ ।
- ସଭ୍ୟମାନେ ଦେଇଥିବା ତାରିଖରେ ଯଦି ଗ୍ରାମ ପଞ୍ଚାୟତ ବୈଠକ ଡ଼ାକାଇ ପାରିଲା ନାହିଁ, ତେବେ ସେମାନେ ନିଜେ ଠିକ କରିଥିବା ତାରିଖ ଓ ସ୍ଥାନରେ ବୈଠକ ଡ଼ାକାଇପାରିବେ ।
- ପଲ୍ଲୀସଭା ବୈଠକର ନୋଟିସକୁ ସମ୍ପୃକ୍ତ ଅଞ୍ଚଳର ଗୋଟିଏ କିମ୍ବା ଅଧିକ ସ୍ଥାନରେ ଟଙ୍ଗାଇ ଦେଇ ଏବଂ ଡ଼େଙ୍ଗୁରା ବାଡ଼େଇ ୧୫ ଦିନ ପୂର୍ବରୁ ଜଣାଇ ଦିଆଯିବ ।
- ପଲ୍ଲୀସଭା ଅଞ୍ଚଳରୁ ଗ୍ରାମ ପଞ୍ଚାୟତରେ ଥିବା ୱାର୍ଡମେମ୍ବର ପଲ୍ଲୀସଭା ବୈଠକରେ ସଭାପତିତ୍ୱ କରିବେ । ଯଦି ଗୋଟିଏ ପଲ୍ଲୀସଭାରେ ଜଣକରୁ ଅଧିକ ୱାର୍ଡମେମ୍ବର ଥିବେ, ତେବେ ୱାର୍ଡ ମେମ୍ବରମାନେ ପର୍ଯ୍ୟାୟକ୍ରମେ ବୈଠକର ସଭାପତିତ୍ୱ କରିବେ ।
- ଯଦି କୌଣସି କାରଣରୁ ସମ୍ପୃକ୍ତ ୱାର୍ଡମେମ୍ବର ଅନୁପସ୍ଥିତ ରହନ୍ତି, ତେବେ ସେହି ବୈଠକର ଉପସ୍ଥିତ ସଭ୍ୟମାନେ ଖୋଲା ଭୋଟଦ୍ୱାରା ସେମାନଙ୍କ ଭିତରୁ ଜଣକୁ ସଭାପତି ଭାବରେ ବାଛିବେ ।
- ଓଡ଼ିଶା ଗ୍ରାମପଞ୍ଚାୟତ ସଂଶୋଧନ ଆଇନ - ୨୦୦୩ ଅନୁସାରେ ଯଦି ପଲ୍ଲୀସଭାରେ ସମ୍ପୃକ୍ତ ପଲ୍ଲୀର ଭୋଟରଙ୍କ ମଧ୍ୟରୁ ୧୦ ଭାଗ ସଭ୍ୟ ଉପସ୍ଥିତ ରହିବେ ତେବେ ପଲ୍ଲୀସଭା ବୈଠକର କୋରମ ହେବ ।
- ପଲ୍ଲୀସଭା ବୈଠକର ଯାହା ଆଲୋଚନା ହୋଇଥିବ ସଂଖ୍ୟାଧିକ ଭୋଟର ଦ୍ୱାରା ଗୃହୀତ ହେବା ଆବଶ୍ୟକ । ଯଦି ସମାନ ସମାନ ଭୋଟ ହୁଏ, ତେବେ ସଭାପତି ତାଙ୍କର ଅତିରିକ୍ତ ଭୋଟ ଦେଇ ସମସ୍ୟାର ସମାଧାନ କରିବେ ।
- ପଲ୍ଲୀସଭା ବୈଠକ ସମୟରେ ସେହି ଗ୍ରାମ ପଞ୍ଚାୟତର ସଂପାଦକ ଏବଂ ସମିତିର କର୍ମଚାରୀ ନିଶ୍ଚିତ ଯୋଗଦେବେ ।
- ପଲ୍ଲୀସଭାର ନିଷ୍ପତ୍ତିକୁ ଏକ ସ୍ୱତନ୍ତ୍ର ରେଜିଷ୍ଟରରେ ସଂପାଦକ ସଠିକ ଭାବେ ଓଡ଼ିଆରେ ଲେଖିବେ ଓ ଏଥିରେ ଉପସ୍ଥିତ ସମସ୍ତ ବ୍ୟକ୍ତି ଦସ୍ତଖତ କରିବେ । ଏହି ଖାତାକୁ ସର୍ବସାଧାରଣ ଚାହିଁଲେ ଦେଖିପାରିବେ ଓ ପଲ୍ଲୀସଭା ଚାହିଁଲେ ସେହି ପ୍ରସ୍ତାବର ଏକ ନକଲ ମଧ୍ୟ ସଂପାଦକଙ୍କ ଦସ୍ତଖତ ସହ ନିଜ ପାଖରେ ରଖିପାରିବେ ।



**ମନେରଖନ୍ତୁ :** - ପଲ୍ଲୀସଭାରେ କୌଣସି ସଭ୍ୟ ଗ୍ରାମପଞ୍ଚାୟତର ପରବର୍ତ୍ତୀ ବୈଠକର ଲିଖିତ ଭାବେ କିମ୍ବା ବ୍ୟକ୍ତିଗତ ଭାବେ ହେଉ ସଭାପତିଙ୍କ ଦ୍ୱାରା ହୋଇଥିବା କାର୍ଯ୍ୟଧାରା ସଠିକ ଭାବେ ରେକର୍ଡ ଭୁକ୍ତ ହୋଇନାହିଁ ବୋଲି ଯଦି ଅଭିଯୋଗ କରନ୍ତି, ତେବେ ଗ୍ରାମପଞ୍ଚାୟତ ପଲ୍ଲୀସଭାର ଅନ୍ୟ ଗୋଟିଏ ବୈଠକ ଡ଼ାକାଇ ଉପରୋକ୍ତ ବିଷୟଗୁଡ଼ିକ ପଲ୍ଲୀସଭା ସହ ସଂପୃକ୍ତ ନଥିବା ପଞ୍ଚାୟତରାଜ ସଭ୍ୟସଭ୍ୟାଙ୍କ ଉପସ୍ଥିତିରେ ବିଚାର କରିବେ ।

**ପଲ୍ଲୀସଭାର କାର୍ଯ୍ୟ :-** ପଲ୍ଲୀସଭା ଜରିଆରେ ଲୋକମାନେ ନିଜ ପଲ୍ଲୀପାଇଁ ଆବଶ୍ୟକୀୟ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରି ନିଷ୍ପତ୍ତି ନେବା ସହ ଗ୍ରାମପଞ୍ଚାୟତର ସୁପାରିଶ୍ ପାଇଁ ପଠାଇବେ । ନିଜ ଅଞ୍ଚଳର ସମସ୍ୟାକୁ ଆଖିଆଗରେ ରଖି ବିଭିନ୍ନ କାର୍ଯ୍ୟକ୍ରମର ଯୋଜନା ତିଆରି ପାଇଁ ପଲ୍ଲୀସଭା ହେଉଛି ଏକ ଅପୂର୍ବ ସୁଯୋଗ ।

ପଲ୍ଲୀସଭା ତାର ବାର୍ଷିକ ବୈଠକର ନିମ୍ନଲିଖିତ ଦୁଇଟି ବିଷୟ ଉପରେ ତାର ସୁପାରିଶ ଗ୍ରାମ ପଞ୍ଚାୟତକୁ ପଠାଇବ ।

**ପ୍ରଥମଟି:-** ଆଗାମୀ ବର୍ଷପାଇଁ ପଲ୍ଲୀରେ କେଉଁ କେଉଁ ଉନ୍ନତିମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯିବ ।

**ଦ୍ୱିତୀୟଟି :-** ଗ୍ରାମପଞ୍ଚାୟତ ପଠାଇଥିବା ଆଗାମୀ ବର୍ଷର ପ୍ରସ୍ତାବିତ ଆୟବ୍ୟୟର ଅଟକଳ ସୁପାରିଶ ଗୁଡ଼ିକ ପଲ୍ଲୀସଭା ଅଞ୍ଚଳର ସମସ୍ୟା ସମ୍ପର୍କିତ ହୋଇଥିବା ଦରକାର ।

ଆହୁରିମଧ୍ୟ ପଲ୍ଲୀସଭା ନିଜନିଜ ଅଞ୍ଚଳର ଲୋକଙ୍କର ଆବଶ୍ୟକତାକୁ ନେଇ ସମ୍ବିଧାନର ବର୍ଣ୍ଣିତ ୨୯ଟି ରକମର କାର୍ଯ୍ୟକ୍ରମ ଭିତରୁ ଯେ କୌଣସି କାର୍ଯ୍ୟକ୍ରମ ପାଇଁ ଯୋଜନା ତିଆରି କରିପାରିବେ ।

ସର୍ବସମ୍ମତିକ୍ରମେ ପଲ୍ଲୀସଭା ଦ୍ୱାରା ତିଆରି ହୋଇଥିବା ବିଭିନ୍ନ ଯୋଜନା ଏବଂ ପ୍ରସ୍ତାବଗୁଡ଼ିକ ଉପରମହଲରେ ଯେ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ବା ସଂସ୍ଥା ଦ୍ୱାରା ପରିବର୍ତ୍ତନ କରାଯାଇ ପାରିବ ନାହିଁ । ଯଦି ଆବଶ୍ୟକ ସ୍ଥଳେ ସେପରି କିଛି ହୁଏ ତେବେ ସଂପୃକ୍ତ ଜିଲ୍ଲା ପଞ୍ଚାୟତ ଅଧିକାରୀ ଓ ଉପଜିଲ୍ଲାପାଳଙ୍କୁ ଉପଯୁକ୍ତ ସାକ୍ଷ୍ୟ ସହ ଲିଖିତ ଭାବରେ ଜଣାଇବା ଉଚିତ୍ ।

**ପଲ୍ଲୀସଭା କାର୍ଯ୍ୟର ସରଳ ବ୍ୟାଖ୍ୟା:-**

- ବିଭିନ୍ନ ଯୋଜନା (ଇନ୍ଦିରା ଆବାସ, ବାର୍ଦ୍ଧକ୍ୟଭତ୍ତା ତଥା ଦାରିଦ୍ର୍ୟ ଦୂରୀକରଣ ବିଭିନ୍ନ ଯୋଜନା) ନିମନ୍ତେ ହିତାଧିକାରୀ ଚୟନ ।
- (ପଞ୍ଚାୟତ ଭାଗଅଂଶ) ଯୋଜନା ପାଇଁ କାର୍ଯ୍ୟଖସଡ଼ା ପ୍ରସ୍ତୁତି । ବଜାର, ସଡ଼କ ଓ ପାଣି ଏହାକୁ ଆଖି ଆଗରେ ରଖି କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ହେବ ।
- ( ଜିଲ୍ଲାପରିଷଦ ଓ ପଞ୍ଚାୟତ ସମିତି ) ଯୋଜନାର ଆଦିବାସୀ / ହରିଜନଙ୍କ

ପାଇଁ ଉର୍ଦ୍ଧିଷ୍ଟ ବ୍ୟକ୍ତିଗତ ଅଂଶ ( ୨୨.୫) ପ୍ରତିଶତ ସମ୍ପର୍କିତ ହିତାଧିକାରୀ ଚୟନ।

- ସାମାଜିକ ସୁରକ୍ଷା ବ୍ୟବସ୍ଥା ଯଥା ଓ.ଏ.ପି / ଡ଼ବଲ୍ୟୁ.ଆଇ.ପି ଇତ୍ୟାଦିର ହିତାଧିକାରୀ ଚୟନ।
- ଅନ୍ତ୍ୟୋଦୟ / ଅନ୍ନପୂର୍ଣ୍ଣା ଯୋଜନା ସମ୍ପର୍କରେ ଆଲୋଚନା ।
- ଗ୍ରାମାଞ୍ଚଳର ପ୍ରାଥମିକ ଶିକ୍ଷା / ସ୍ୱାସ୍ଥ୍ୟ/ପାନୀୟଜଳ/ପରିମଳ ବ୍ୟବସ୍ଥା ସଂପର୍କରେ ଆଲୋଚନା ।
- ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟକ୍ରମ ଯଥା- ଜଳଛାୟା ପ୍ରକଳ୍ପ / ବନ ସୁରକ୍ଷା ସମିତି ଗଠନ/ବୃକ୍ଷରୋପଣ / ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ / ଉତ୍କଳ ସବୁଜ ବନାନୀ କାର୍ଯ୍ୟକ୍ରମ ପାଇଁ ଜମି ଚିହ୍ନଟ ଇତ୍ୟାଦି ।
- ଦାରିଦ୍ର୍ୟ ଦୂରୀକରଣ ଯୋଜନାଗୁଡ଼ିକର ସାମାଜିକ ସମୀକ୍ଷା ।
- ନିଜ ଗାଁର ଉନ୍ନୟନ ପାଇଁ ପାଞ୍ଚବର୍ଷ ନିମନ୍ତେ ପ୍ରକଳ୍ପ ତାଲିକା ପ୍ରସ୍ତୁତି ।
- ଏହି କାର୍ଯ୍ୟପାଇଁ ଟଙ୍କା କେଉଁଠାରୁ ଆସିବ, ତାହା ମଧ୍ୟ ସେମାନେ ଠିକ୍ କରିବେ ଓ ଆବଶ୍ୟକ ହେଲେ ରାଜ୍ୟସରକାର ବା କେନ୍ଦ୍ର ସରକାରଙ୍କୁ ମାଗିବେ ।





## ଗ୍ରାମସଭା :-

ଗ୍ରାମସଭା କହିଲେ ଗ୍ରାମପଞ୍ଚାୟତ ଅଞ୍ଚଳ ମଧ୍ୟରେ ଥିବା ପ୍ରତ୍ୟେକ ଗ୍ରାମ ଗୁଡ଼ିକର ଭୋଟର ତାଲିକାଲେ ଅନ୍ତର୍ଭୁକ୍ତ ଲୋକ ସଂଖ୍ୟାକୁ ବୁଝାଏ । ଗ୍ରାମର ଭୋଟର ତାଲିକାରେ ଥିବା ସମସ୍ତ ପ୍ରାପ୍ତ ବୟସ୍କ ବ୍ୟକ୍ତି ଗ୍ରାମସଭାର ସଦସ୍ୟ ଅଟନ୍ତି । ଗ୍ରାମସଭା ବୈଠକର ଯୋଗଦେଇ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାର ଅଧିକାର ସମସ୍ତଙ୍କର ରହିଛି । ଗ୍ରାମସଭା ହେଉଛି ଗ୍ରାମ ପଞ୍ଚାୟତର ମୂଳଦୁଆ ଏବଂ ଏକ ମୁଖ୍ୟ ଅଂଶ । ପ୍ରତ୍ୟେକ ବ୍ୟକ୍ତି ନିଜ ପ୍ରଶାସନର ନିଜେ ମୁଖ୍ୟ ହେବା ପାଇଁ ଗ୍ରାମସଭା ଏକ ପ୍ରଭାବଶାଳୀ ମାଧ୍ୟମ । ଗ୍ରାମସଭା ବିନା ପଞ୍ଚାୟତରାଜର କୌଣସି ମୂଲ୍ୟ ନାହିଁ । ବିଭିନ୍ନ କାର୍ଯ୍ୟକ୍ରମର ସଫଳତା ପାଇଁ ଯୋଜନାସ୍ତରରୁ ସେଗୁଡ଼ିକ କାର୍ଯ୍ୟକାରୀ ହେବା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଲୋକଙ୍କର ଭାଗିଦାରୀକୁ ବଢାଇବା ପାଇଁ ଆମ ସମ୍ବିଧାନର ଯେଉଁ ଉଦ୍ଦେଶ୍ୟ ରହିଛି, ତାହା ଗ୍ରାମସଭା ନଥିଲେ ପୂରଣ ହୋଇପାରିବ ନାହିଁ ।




### ଗ୍ରାମସଭା ବୈଠକର ନିୟମ :

* ପ୍ରତ୍ୟେକ ଗ୍ରାମପଞ୍ଚାୟତର ଗ୍ରାମସଭା ବୈଠକ ପାଇଁ ସମୟ ଅନୁସାରେ ସ୍ଥାନ ଠିକ୍ କରିବା ଦାୟିତ୍ୱ ହେଉଛି ସରପଞ୍ଚଙ୍କର ।
* ଗ୍ରାମସଭା ବୈଠକ ବର୍ଷକୁ ୨ଥର ବସିବ ବାର୍ଷିକ ଓ ଷାଣ୍ମାସିକ ବୈଠକ ଯଥାକ୍ରମେ ଫେବୃୟାରୀ ଓ ଜୁନମାସରେ ବସିବ ।
* ଏଥିସହ ଜାନୁୟାରୀ ୨୬, ମେ ୧ ,ଅଗଷ୍ଟ ୧୫, ଅକ୍ଟୋବର ୨ ତାରିଖରେ ମଧ୍ୟ ଗ୍ରାମସଭା ବସିବ। ଆବଶ୍ୟକ ହେଲେ ଅଧିକ ସଂଖ୍ୟାରେ ମଧ୍ୟ ଗ୍ରାମସଭା ବୈଠକ ଡ଼କାଯାଇପାରିବ।
* ଏହି ବୈଠକର ତାରିଖ ଓ ସମୟ ସରପଞ୍ଚ ନିରୂପଣ କରିବେ ।
* ସରକାରଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ହୋଇଥିବା ସରପଞ୍ଚ କିମ୍ବା ଜିଲ୍ଲାପାଳ ଅନ୍ୟ କୌଣସି ବ୍ୟକ୍ତିବିଶେଷ ଆବଶ୍ୟକତା ଅନୁସାରେ ଗ୍ରାମସଭାର ସ୍ୱତନ୍ତ୍ର ବୈଠକ ଡ଼କାଇପାରିବେ । ସରପଞ୍ଚଙ୍କର ଅନୁମୋଦନ ଲାଭ କରିବା ପରେ ଉପରୋକ୍ତ

ମତେ ପଞ୍ଚାୟତର ସଂପାଦକଙ୍କୁ ରିକ୍ୟୁଜିସନ ଦିଆଯିବ । ନିୟମ ଅନୁଯାୟୀ ସରପଞ୍ଚଙ୍କର ଅନୁମତି ପାଇଲାପରେ ପଞ୍ଚାୟତ ସଭାପତି ଉକ୍ତ ବୈଠକ ନୋଟିସ ଦେବେ ।

* ଗ୍ରାମ ସଭାର ବୈଠକ ପାଇଁ ଅତିକମ୍‌ରେ ୧୫ଦିନ ଆଗରୁ ନୋଟିସ୍ ଦିଆଯିବ ଏବଂ ନୋଟିସର ଏକ ଅବିକଳ ନକଲ ବିଡ଼ିଓଙ୍କ ପାଖକୁ ପଠାଯିବ ।
* ଗ୍ରାମସଭାର ବୈଠକ ପାଇଁ ଉର୍ଦ୍ଦିଷ୍ଟ ନୋଟିସ୍ ଗାଁର ବିଭିନ୍ନ ସ୍ଥାନରେ ଟଙ୍ଗାଇ ଦିଆଯିବା ସହ ଢ଼େଙ୍କୁରା ବାଢ଼େଇ ଘୋଷଣା କରାଯିବ । ବୈଠକର ଆଲୋଚ୍ୟ ବିଷୟ ନୋଟିସ୍‌ରେ ସ୍ପଷ୍ଟଭାବରେ ଲେଖାଯିବ ଓ ନୋଟିସରେ ସ୍ଥାନ ପାଇନଥିବା ଯେ କୌଣସି ବିଷୟ ସରପଞ୍ଚ ଚାହିଁଲେ ଆଗତ କରିପାରିବେ ।

## ଗ୍ରାମସଭାର କୋରମ୍

ଯଦି ଗ୍ରାମ ସଭାର ସମୁଦାୟ ସଭ୍ୟ / ସଭ୍ୟାଙ୍କ ମଧ୍ୟରେ ୧୦ ଭାଗରୁ ଏକ ଭାଗ ଉପସ୍ଥିତ ରହିବେ, ତେବେ ବୈଠକର କୋରମ ହେବ । କୋରମ୍ ଅଭାବ ହେଲେ ସରପଞ୍ଚ କିମ୍ବା ବୈଠକର ସଭାପତିଙ୍କର ନିଷ୍ପତ୍ତି କ୍ରମେ ଆଉଥରେ ଅନ୍ୟଦିନର ବୈଠକ ପାଇଁ ନିର୍ଦ୍ଧାରିତ ପ୍ରଣାଳୀରେ ସଭ୍ୟ/ ସଭ୍ୟା ମାନଙ୍କୁ ନୋଟିସ୍ ଦେଇ କୋରମରେ ସଭାକାର୍ଯ୍ୟ ଚାଲିପାରିବ । ତେବେ ସ୍ଥଗିତ ଏହି ବୈଠକ ପୁଣିଥରେ ବସିବାପାଇଁ ଅତିକମ୍‌ରେ ତିନିଦିନ ପୂର୍ବରୁ ନୋଟିସ୍ ଦିଆଯିବ ।

## ଗ୍ରାମସଭା ବୈଠକରେ ସଭାପତି କିଏ ?

ଗ୍ରାମସଭା ବୈଠକରେ ମୁଖ୍ୟତଃ ସରପଞ୍ଚ ହିଁ ସଭାପତିତ୍ୱ କରିବେ । ଯଦି ସଭାପତି କୌଣସି କାରଣରୁ ଅନୁପସ୍ଥିତ ରହନ୍ତି, ତେବେ ନାଏବ ସରପଞ୍ଚ ସଭାପତିତ୍ୱ କରିବେ । ଯଦି ୨ ଜଣ ଅନୁପସ୍ଥିତ ରହନ୍ତି, ତେବେ ସେମାନେ ମନୋନୀତ କରିଥିବା ବ୍ୟକ୍ତି ସଭାପତିତ୍ୱ କରିବେ ନଚେତ୍ ସଭ୍ୟମାନେ ସେମାନଙ୍କ ମଧ୍ୟରୁ ଜଣକୁ ସଭାପତିରୂପେ ବାଛିବେ । ଯଦି ସଭାପତି କୌଣସି କାରଣରୁ ଅସ୍ଥାୟୀ ରୂପେ ସଭାପତି ଦାୟିତ୍ୱରୁ ଅନୁପସ୍ଥିତ ରହିବା ଦରକାର ପଡ଼େ, ତେବେ ସେ ଅନ୍ୟ କୌଣସି ସଭ୍ୟକୁ ସଭାପତି ଆସନ ଗ୍ରହଣ କରିବାକୁ ଅନୁରୋଧ କରିପାରିବେ ।

## ଗ୍ରାମସଭାର ଦାୟିତ୍ୱ :-

* ପଲ୍ଲୀସଭାରେ ପ୍ରସ୍ତୁତ ବିକାଶ ମୂଳକ ଯୋଜନା ଗୁଡ଼ିକୁ 'ଗ୍ରାମସଭା' ରେ ଗ୍ରାମପଞ୍ଚାୟତ ଦ୍ୱାରା ପ୍ରଦାନ କରାଯିବ ।
* 'ଗ୍ରାମସଭା' ବୈଠକରେ ବିଭିନ୍ନ ପଲ୍ଲୀସଭାରୁ ଆସିଥିବା ପ୍ରସ୍ତାବିତ ଯୋଜନାଗୁଡ଼ିକୁ



ବିଚାର ବିମର୍ଷ କଲାପରେ ତାହାକୁ ଅନୁମୋଦନ କରାଯିବ ।

* ଯଦି ଗ୍ରାମସଭା କୌଣସି ପଲ୍ଲୀର ପ୍ରସ୍ତାବ ଉପରେ ସ୍ପଷ୍ଟ ନହୁଏ, ତେବେ ତୁରନ୍ତ ନିର୍ଦ୍ଦିଷ୍ଟ ପଲ୍ଲୀର ବୈଠକ ଡ଼କାଇ ସେ ସଂପର୍କରେ ସ୍ପଷ୍ଟୀକରଣ ନେବେ ।
* ଗ୍ରାମସଭା ଦ୍ୱାରା ଅନୁମୋଦନ ଲାଭ କରିଥିବା ଯୋଜନା ଗୁଡ଼ିକୁ ଚୂଡ଼ାନ୍ତ ବୋଲି ଧରାଯିବ ।
* ଏହି ପ୍ରସ୍ତାବ ଗୁଡ଼ିକ ଗ୍ରାମପଞ୍ଚାୟତର ଏକ ନିର୍ଦ୍ଦିଷ୍ଟ ରେଜିଷ୍ଟରରେ ଲିପିବଦ୍ଧ ହେବ ଏବଂ ସେଥିରେ ଉପସ୍ଥିତ ଗ୍ରାମସଭାର ସମସ୍ତ ସଦସ୍ୟ ଦସ୍ତଖତ କରିବେ
* ଗ୍ରାମସଭାରେ ଅନୁମୋଦିତ ଯୋଜନା ଗୁଡ଼ିକୁ କୌଣସି ସ୍ତରରେ ଓଲଟ ପାଲଟ କରାଯାଇ ପାରିବନାହିଁ । ଏହା ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ । ଏଥିପାଇଁ ସଂପୃକ୍ତ ଅନୁଷ୍ଠାନ, ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ।
* ଗ୍ରାମସଭାରେ ପଞ୍ଚାୟତ ଅଧିନସ୍ଥ ସମସ୍ତ ପଲ୍ଲୀରେ ଭୋଟରମାନେ ସ୍ଥାୟୀ
* ସଦସ୍ୟ ହିସାବରେ ରହିବେ । ପଲ୍ଲୀସଭା ଡ଼କାଇବା ପାଇଁ ଯେଉଁ ନିୟମଅଛି, ଗ୍ରାମସଭା ପାଇଁ ମଧ୍ୟ ସେହି ନିୟମ ଲାଗୁହେବ ।

ବିଶେଷତଃ ପଞ୍ଚାୟତ ଉପରେ ଥିବା ଦାୟିତ୍ୱ ଗୁଡ଼ିକ ହିଁ ଗ୍ରାମସଭା କାର୍ଯ୍ୟକ୍ରମରେ ସ୍ଥାନପାଇବ । ଏହି କାର୍ଯ୍ୟକ୍ରମ ଗୁଡ଼ିକ ସରପଞ୍ଚଙ୍କ ଦ୍ୱାରା ପ୍ରସ୍ତୁତ ହେବ ଯାହା ପାଇଁକି ଏକ ସ୍ୱତନ୍ତ୍ର ବୈଠକ ଡ଼କାଯାଇଥିବ, ଯେଉଁଠାରେ କେବଳ ସେହି ବିଷୟଗୁଡ଼ିକୁ ହିଁ ବିଚାରକୁ ନିଆଯିବ ।

* ନୋଟିସ ଦ୍ୱାରା ଜଣାଇ ଦିଆଯାଇଥିବା କାର୍ଯ୍ୟକ୍ରମ ଛଡ଼ା ଯଦି ଅନ୍ୟ କୌଣସି କାର୍ଯ୍ୟ ସଂପର୍କରେ ବୈଠକରେ ଉପସ୍ଥିତ ଅର୍ଦ୍ଧାଧିକ ସଦସ୍ୟ ମତାମତ ବା ପ୍ରସ୍ତାବ ଦିଅନ୍ତି, ତେବେ ସେ ସଂପର୍କରେ ଆଲୋଚନା କରାଯିବ ।
* ଗ୍ରାମସଭା ବୈଠକରେ ଆଲୋଚନା କରାଯାଇଥିବା ସମସ୍ତ ବିଷୟ ସଂପର୍କରେ ସଂଖ୍ୟାଧିକ ଭୋଟରଦ୍ୱାରା ସ୍ଥିର ହେବ । ଯଦି ଭୋଟ ସମାନ ସମାନ ହୁଏ, ତାହାହେଲେ ବୈଠକରେ ସଭାପତି ତାଙ୍କର ଅତିରିକ୍ତ ବା ନିର୍ଣ୍ଣାୟକ ଭୋଟ ଦ୍ୱାରା ଏହା ସମାଧାନ କରିବେ ।
* ପଞ୍ଚାୟତ ସଂପାଦକ ବୈଠକର କାର୍ଯ୍ୟ ବିବରଣୀ ଲେଖିବେ । ଯଦି ଗ୍ରାମସଭା ବୈଠକରେ ପଞ୍ଚାୟତ ସଂପାଦକ ଅନୁପସ୍ଥିତ ଥାଆନ୍ତି, ତେବେ ସରପଞ୍ଚ ବୈଠକରେ କାର୍ଯ୍ୟ ବିବରଣୀ ସଠିକ୍ ଭାବେ ଲେଖିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିବେ ।
* ବୈଠକର ବିବରଣୀ ନିର୍ଦ୍ଦିଷ୍ଟ ରେଜିଷ୍ଟରରେ ଲେଖା ହେଲାପରେ ସଭାପତିଙ୍କ ଦ୍ୱାରା ଦସ୍ତଖତ ହୋଇ ରହିବ । ଏହାକୁ ସର୍ବସାଧାରଣ ଚାହିଁଲେ

ଦେଖିପାରିବେ ।

**ଗ୍ରାମସଭାର କାର୍ଯ୍ୟକଳାପ:**

* ପ୍ରତ୍ୟେକ ଫେବୃୟାରୀ ମାସରେ ଅନୁଷ୍ଠିତ ହୋଇଥିବା ବୈଠକରେ ଆଗାମୀ ବର୍ଷପାଇଁ ଗ୍ରାମ ପଞ୍ଚାୟତର କାର୍ଯ୍ୟକ୍ରମମାନ ଠିକ୍ ହେବାକି କାର୍ଯ୍ୟକ୍ରମମାନ ହାତକୁ ନିଆଯିବ ଓ ଗ୍ରାମ ପଞ୍ଚାୟତର ଚଳିତ ବର୍ଷ ପାଇଁ ବାର୍ଷିକ ବଜେଟ, ଏଥିରେ ବିଚାର କରାଯିବ ।
* ପ୍ରତିବର୍ଷ ଜୁନ୍ ମାସରେ ଅନୁଷ୍ଠିତ ହୋଇଥିବା ଗ୍ରାମସଭା ବୈଠକରେ ଗ୍ରାମ ପଞ୍ଚାୟତ ଗ୍ରହଣ କରିଥିବା କାର୍ଯ୍ୟକ୍ରମ କେତେଦୂର ଆଗେଇଛି, ସେ ସବୁର ବିଚାର ଆଲୋଚନା ହେବ ।
* ଗ୍ରାମସଭା ବୈଠକରେ ଯଦି ଟିକସ୍‌ହାର, ଖଜଣା ଓ ଫିସ୍ ଧାର୍ଯ୍ୟ ପାଇଁ ବା କୃଷିଜାତ ଫସଲ ଉପରେ କୌଣସି ଯୋଜନା ତିଆରି କରାଯିବ ଅଥବା ଅନ୍ୟାନ୍ୟ ବିଷୟରେ ଯଦି କୌଣସି ପ୍ରସ୍ତାବ ଆସେ, ତେବେ ସେ ସବୁକୁ ବିଚାର କରାଯିବ ।
* ଗ୍ରାମସଭା ବୈଠକରେ ଗ୍ରାମ ପଞ୍ଚାୟତର କାର୍ଯ୍ୟକଳାପକୁ ନିର୍ବାହ କରାଯିବ ଓ ସଭାର କାର୍ଯ୍ୟ ବିବରଣୀ ମାନ ନିର୍ଦ୍ଧାରିତ ସମୟରେ ରକ୍ଷଣାବେକ୍ଷଣ ହେବ ।
* ଏହି ବୈଠକରେ କାର୍ଯ୍ୟ ବିବରଣୀକୁ ସେହି ବୈଠକରେ ଉପସ୍ଥିତ ପଞ୍ଚାୟତର ସଦସ୍ୟମାନେ ଦସ୍ତଖତ କରିବା ପରେ ତାହା ଚୂଡ଼ାନ୍ତ ବୋଲି ଧରାଯିବ ।

**ବିଶେଷ ଦ୍ରଷ୍ଟବ୍ୟ -**

ପଲ୍ଲୀସଭା ଓ ଗ୍ରାମସଭାର ଯୋଜନା ପ୍ରଣୟନ ନିମନ୍ତେ ଅନେକଙ୍କର ଧାରଣା ଅଛି ଯେ ଉପର ଆଡକୁ ଅର୍ଥାତ୍ ଜିଲ୍ଲାପାଳ ଓ ବ୍ଲକ୍ ଅଫିସଠାରୁ ଯେମିତି ନିର୍ଦ୍ଦେଶ ଆସିବ ସେମିତି ତାଙ୍କାରେ ହିଁ ବିଭିନ୍ନ ଯୋଜନା ତିଆରି ହେବ । କେତୋଟି ଇନ୍ଦିରା ଆବାସ ଯୋଜନା, କେତୋଟି ନିଯୁକ୍ତ କୂପ, ସ୍କୁଲଘର ବା ରାସ୍ତାଘାଟ ଏ ସବୁ ଭିତରେ ହିଁ ଯୋଜନା ସରିଯାଏ । କିନ୍ତୁ ଏ ପ୍ରକାର ଯୋଜନା କରିବାଟା ପଲ୍ଲୀସଭା ବା ଗ୍ରାମ ସଭାର ଅସଲ କର୍ତ୍ତବ୍ୟ ନୁହେଁ । ପଲ୍ଲୀସଭା ବା ଗ୍ରାମସଭା ନିଜ ନିଜ ଅଞ୍ଚଳର ଲୋକଙ୍କର ଆବଶ୍ୟକତାକୁ ନେଇ ସମ୍ବିଧାନରେ ବର୍ଣ୍ଣିତ ୨୯ଟି ରକମର କାର୍ଯ୍ୟକ୍ରମ ଭିତରୁ ଯେ କୌଣସି କାର୍ଯ୍ୟକ୍ରମ ପାଇଁ ଯୋଜନା ତିଆରି କରିପାରିବେ । ବନ୍ଧ, କଟା, ପୋଖରୀ ଖୋଳିବାଠାରୁ ଜମି ମରାମତି, ଆମ୍ବତୋଟା, ପାଇଖାନା ଠାରୁ ଡ଼ାକ୍ତରଖାନା ପର୍ଯ୍ୟନ୍ତ ଯାହା ଚାହିଁବେ ତାହା କରିପାରିବେ । ସେ ସବୁ ପାଇଁ ଟଙ୍କା କେଉଁଠାରୁ ଆସିବ, ତାହା ମଧ୍ୟ ସେମାନେ ଠିକ୍ କରିବେ ଓ ଆବଶ୍ୟକ ହେଲେ ରାଜ୍ୟ ସରକାର ବା କେନ୍ଦ୍ର ସରକାରଙ୍କୁ ମାଗିବେ ।



## ୱାର୍ଡ ମେମ୍ବରରଙ୍କ କ୍ଷମତା ଏବଂ କର୍ତ୍ତବ୍ୟ

( ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ ଧାରା ୨୨ ଅନୁଯାୟୀ )

ନିମ୍ନ ଲିଖିତ ବିଷୟ ଗୁଡ଼ିକ ୱାର୍ଡମେମ୍ବର ଙ୍କର କ୍ଷମତା ଏବଂ କର୍ତ୍ତବ୍ୟର ପରିସରଭୁକ୍ତ

- ସରପଞ୍ଚଙ୍କୁ ଆଗରୁ ନୋଟିସ ଦେଇ ଯେ କୌଣସି ଦିନ ଅଫିସ ସମୟ ମଧ୍ୟରେ ଗ୍ରାମ ପଞ୍ଚାୟତର କାଗଜପତ୍ର (ରେକର୍ଡ) ତଦାରଖ କରିପାରିବେ
- ଗ୍ରାମ ପଞ୍ଚାୟତର ପ୍ରଶାସନ ସମ୍ବନ୍ଧୀୟ ବିଷୟ ଉପରେ ପ୍ରସ୍ତାବ ଆଗତ କରିପାରିବେ ।
- ଗ୍ରାମ ପଞ୍ଚାୟତର କର୍ମକର୍ତ୍ତା (ସରପଞ୍ଚ, ନାଏବ ସରପଞ୍ଚ, ସଂପାଦକ)ଙ୍କୁ ପଞ୍ଚାୟତ ପ୍ରଶାସନ ସଂପର୍କୀୟ ବିଷୟ ଉପରେ ପ୍ରଶ୍ନ କରିପାରିବେ ।
- ଗ୍ରାମ ପଞ୍ଚାୟତ ହାତକୁ ନେଇଥିବ ବିଭିନ୍ନ କାର୍ଯ୍ୟକ୍ରମକୁ ତଦାରଖ କରିପାରିବେ ।
- ଗ୍ରାମ ପଞ୍ଚାୟତ ଦ୍ୱାରା ନିର୍ଦ୍ଦେଶିତ, ପରିଚାଳିତ ବା ନିୟନ୍ତ୍ରିତ ସମସ୍ତ ଅନୁଷ୍ଠାନ ଗୁଡ଼ିକୁ ତଦାରଖ କରିପାରିବେ ।
- ତଦାରଖ ସମୟରେ ପାଇଥିବା ଦୋଷତ୍ରୁଟିକୁ ସରପଞ୍ଚଙ୍କ ଦୃଷ୍ଟିକୁ ଆଣିବେ ।
- ପଲ୍ଲୀସଭା ବୈଠକରେ ସଭାପତିତ୍ୱ କରିବେ ।
- ସରପଞ୍ଚ ଏବଂ ନାଏବ ସରପଞ୍ଚଙ୍କ ଉଭୟଙ୍କ ସ୍ଥାନ ଯଦି ଖାଲି ପଡ଼େ କିମ୍ବା ୧୫ ଦିନ ପାଇଁ ଉଭୟେ ଅନୁପସ୍ଥିତ ରହନ୍ତି, ତେବେସେଭଳି ବିଶେଷ ପରିସ୍ଥିତିରେ ନିର୍ଦ୍ଧାରିତ ନିୟମ ଏବଂ ପ୍ରଣାଳୀ ଭିତ୍ତିରେ କୌଣସି ଜଣେ ୱାର୍ଡମେମ୍ବର ଅଫିସିଏଟିଂ ସରପଞ୍ଚ ଭାବେ କାର୍ଯ୍ୟ କରିପାରିବେ ।

## ସରପଞ୍ଚଙ୍କ କ୍ଷମତା ଏବଂ କର୍ତ୍ତବ୍ୟ

(ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ ଧାରା ୧୯ ଅନୁଯାୟୀ)

- ଗ୍ରାମ ପଞ୍ଚାୟତର ପ୍ରଶାସନିକ କ୍ଷମତା ସରପଞ୍ଚ ଙ୍କୁ ଦିଆଯାଇଛି
- ଏହି କ୍ଷମତା ସରପଞ୍ଚ ଗ୍ରାମ ପଞ୍ଚାୟତର ସିଦ୍ଧାନ୍ତ ଅନୁସାରେ ବ୍ୟବହାର କରିପାରିବେ ।
- ସେ ଗ୍ରାମ ପଞ୍ଚାୟତର ବୈଠକ ଡ଼କାଇବେ ଏବଂ ସେହି ବୈଠକରେ ସଭାପତିତ୍ୱ କରିବେ ଏବଂ ତାର ପରିଚାଳନା ଓ ନିୟନ୍ତ୍ରଣ କରିବେ ।
- ବୈଠକ ବିବରଣୀକୁ ଠିକ୍ ଭାବେ ଲେଖାଲେଖି କରିବା ଏବଂ ତାର ରକ୍ଷଣାବେକ୍ଷଣ କରିବା ପାଇଁ ଦାୟୀ ରହିବେ ।
- ଗ୍ରାମ ପଞ୍ଚାୟତ ତରଫରୁ ଚୁକ୍ତିପତ୍ର ସଂପାଦନ କରିବେ ।
- ଗ୍ରାମ ପଞ୍ଚାୟତର ସମସ୍ତ କାଗଜ, ପତ୍ର, ଦଲିଲ ଏବଂ ନଗଦଟଙ୍କା ତଥା ସମସ୍ତ ସଂପତ୍ତି ଓ ମୂଲ୍ୟବାନ ଜିନିଷପତ୍ର ଦାୟିତ୍ୱରେ ରହିବେ ।

- ସେ ଗ୍ରାମ ପଞ୍ଚାୟତର ସଠିକ କାର୍ଯ୍ୟ ସଂପାଦନ ପାଇଁ ଦାୟୀ ରହିବେ ।
- ଗ୍ରାମ ପଞ୍ଚାୟତର ଆବଶ୍ୟକୀୟ ରିପୋର୍ଟ ବା ବିବରଣୀ ତିଆରି କରାଇବେ ।
- ଗ୍ରାମ ପଞ୍ଚାୟତର ଅଧୀନରେ ଥିବା ସମସ୍ତ ଅଫିସର ଏବଂ କର୍ମଚାରୀମାନଙ୍କ କାର୍ଯ୍ୟଗୁଡିକ ତଦାରଖ କରିବେ ଏବଂ ସେମାନଙ୍କୁ ନିୟନ୍ତ୍ରଣ କରିବେ ।
- ଗ୍ରାମ ପଞ୍ଚାୟତର ସମସ୍ତ ଚିଠିପତ୍ର ଆଦାନ ପ୍ରଦାନର କ୍ଷମତା ତାଙ୍କର ରହିଛିଇଁ ।

## ନାଏବ ସରପଞ୍ଚଙ୍କ କ୍ଷମତା ଏବଂ କର୍ତ୍ତବ୍ୟ

( ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ୍ ଧାରା ୨୧ ଅନୁଯାୟୀ )

- କୌଣସି କ୍ଷମତା ପ୍ରୟୋଗ, କର୍ତ୍ତବ୍ୟ ପାଳନ ବା କାର୍ଯ୍ୟ ସଂପାଦନ ପାଇଁ ସରପଞ୍ଚଙ୍କ ଠାରୁ ଲିଖିତ ଭାବେ ଅଧିକାର ପାଇଲେ ସେହି ଅନୁସାରେ ନାଏବ ସରପଞ୍ଚ କାମ କରିବେ ।
- କୌଣସି କାରଣରୁ ଯଦି ସରପଞ୍ଚଙ୍କ ସ୍ଥାନ ଖାଲି ପଡ଼େ, ତେବେ ନୂଆ ସରପଞ୍ଚ ନିର୍ବାଚନ ହେବା ପର୍ଯ୍ୟନ୍ତ ସରପଞ୍ଚଙ୍କ ସମସ୍ତ କ୍ଷମତା ପ୍ରୟୋଗ ଓ କର୍ତ୍ତବ୍ୟ ପାଳନ କରିବେ ।
- ସରପଞ୍ଚ ଯେ କୌଣସି କାରଣରୁ ଯଦି ଲଗାତର ଭାବେ ୧୫ ଦିନ ପର୍ଯ୍ୟନ୍ତ ଅନୁପସ୍ଥିତ ରହନ୍ତି, ତେବେ ସେହି ସମୟରେ ସେ ପଞ୍ଚାୟତର କାର୍ଯ୍ୟ ଚଳାଇବେ ।
- ସରପଞ୍ଚଙ୍କ ଅନୁପସ୍ଥିତିରେ ଗ୍ରାମ ପଞ୍ଚାୟତ ବୈଠକରେ ସଭାପତିତ୍ୱ କରିପାରିବେ ।
- ଗ୍ରାମ ପଞ୍ଚାୟତ ପାଣ୍ଠିରୁ ଟଙ୍କା ଉଠାଇବା ବେଳେ ଚେକ୍ ବହିରେ ସରପଞ୍ଚଙ୍କ ଦସ୍ତଖତ ସହିତ ସେ ମଧ୍ୟ ଦସ୍ତଖତ କରିବେ ।

## କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟ ସାରଣୀ

- ସଂପାଦକଙ୍କ ଅନୁପସ୍ଥିତିରେ ଗ୍ରାମ ପଞ୍ଚାୟତ ବୈଠକର ବିବରଣି ଲେଖିବେ ।
- ଯେଉଁଦିନ ବୈଠକ ହୋଇଥିବ ସେହିଦିନ ଠାରୁ ସାତଦିନ ମଧ୍ୟରେ ସଂପୃକ୍ତ ବି.ଡି.ଓ ଏବଂ ସବ୍‌କଲେକ୍ଟରଙ୍କ ପାଖକୁ ବୈଠକ ବିବରଣୀର ଏକ ନକଲ ପଠାଇବେ ।
- ଏହି ବୈଠକ ବିବରଣୀ ଏବଂ ପଞ୍ଚାୟତର ସମସ୍ତ ରେକର୍ଡ ପତ୍ର ରକ୍ଷଣାବେକ୍ଷଣ କରିବେ ।
- ଗ୍ରାମ ପଞ୍ଚାୟତର କିମ୍ବା ଗ୍ରାମ ପଞ୍ଚାୟତ ଦ୍ୱାରା ନିର୍ଦ୍ଦେଶିତ, ପରିଚାଳିତ ଓ ନିୟନ୍ତ୍ରିତ ସମସ୍ତ ମୂଲ୍ୟବାନ ଜିନିଷପତ୍ର ଏବଂ ନଗଦ ଟଙ୍କା ଜିମାରେ ରହିବେ ।
- ଗ୍ରାମ ପଞ୍ଚାୟତର ସମସ୍ତ ରେକର୍ଡ ଓ ଦଲିଲର ଜିମାରେ ରହିବେ ।



## ଗ୍ରାମ ପଞ୍ଚାୟତ ସଂପାଦକଙ୍କ କାର୍ଯ୍ୟ ସାରଣୀ

( ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ ଧାରା ୧୨୩ ଅନୁଯାୟୀ )

- ଗ୍ରାମ ପଞ୍ଚାୟତ ସଂପାଦକ ପଲ୍ଲୀସଭା ଓ ସ୍ଥାୟୀ କମିଟିର ସମସ୍ତ ବିବରଣୀ ଲିପିବଦ୍ଧ କରିବେ ।
- ସେ ବିଭିନ୍ନ ବିଭାଗକୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅନୁମୋଦନ କ୍ରମେ ଯୋଗାଯୋଗ ସ୍ଥାପନ କରିବେ ।
- ସେ ଡ଼ାକ / ଚିଠି ଗ୍ରହଣ କରି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିର୍ଦ୍ଦେଶ ପାଇଁ ଡ଼ାକକୁ ଫାଇଲରେ ଉପସ୍ଥାପନା କରିବେ । ବିଭିନ୍ନ ଯୋଜନାରେ ମିଳୁଥିବ ସାମଗ୍ରୀ ମାନ ଗ୍ରହଣ କରିବେ ଓ ଷ୍ଟକ୍ ରେଜିଷ୍ଟରରେ ଏ ବାବଦରେ ଲିପିବଦ୍ଧ କରିବେ ।
- ଉପଭୋକ୍ତାଙ୍କୁ ସେ ସାଧାରଣ ବଣ୍ଟନ ବ୍ୟବସ୍ଥାର ସାମଗ୍ରୀ ବିକ୍ରୟ କରିବେ ଏବଂ ଏହାର ସମସ୍ତ ନଥିପତ୍ରର ତଦାରଖ କରି ତାଙ୍କ ଦାୟିତ୍ୱରେ ରଖିବେ ।
- ଗ୍ରାମ ପଞ୍ଚାୟତ ଦ୍ୱାରା ଅଧିକୃତ ଖଜଣା ସେ ଆଦାୟ କରି ସେହି ଅର୍ଥକୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ହସ୍ତାନ୍ତର କରିବେ ।
- ଏହା ବ୍ୟତୀତ ଗ୍ରାମ ପଞ୍ଚାୟତ ତାଙ୍କୁ ଯେଉଁ ଦାୟିତ୍ୱ ଦେବେ ତାକୁ ମଧ୍ୟ ସେ ସୂଚାରୁ ରୂପେ ସଂପାଦନ କରିବେ ।
- ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନର ଧାରା ୧୨୨ ଓ ୧୨୩ ସଂଶୋଧିତ ହେବା ପର୍ଯ୍ୟନ୍ତ ଏବଂ ଗ୍ରାମ କୃଷିକର୍ମୀ ମାନେ ପଞ୍ଚାୟତରେ ସେବା ଯୁକ୍ତ ହେବା ପର୍ଯ୍ୟନ୍ତ ନିମ୍ନଲିଖିତ ମଧ୍ୟବର୍ତ୍ତି କାଳୀନ ବ୍ୟବସ୍ଥା ଅନୁସାରେ କାର୍ଯ୍ୟ ହେବ ।
- ଏହା ଉଲ୍ଲେଖଯୋଗ୍ୟ ଯେ, ଯେଉଁ ଗ୍ରାମ ପଞ୍ଚାୟତରେ ଗ୍ରାମ ସଂପାଦକ ପଦ ଖାଲି ଥିବ ସେଠାରେ ଜଣେ ଗ୍ରାମ ସେବକ ଉଭୟ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସଂପାଦକର ଦାୟିତ୍ୱ ସଂପାଦନ କରିବେ ।
- ଯେଉଁ ଗ୍ରାମ ପଞ୍ଚାୟତରେ ଜଣେ ସଂପାଦକ କାର୍ଯ୍ୟରତ ଅଛନ୍ତି ସେଠାରେ ଗ୍ରାମ ସେବକ କେବଳ କାର୍ଯ୍ୟ ନିର୍ବାହୀ ଅଧିକାରୀ ରୂପେ କାର୍ଯ୍ୟ ସଂପାଦନ କରିବେ । ସେ ଅର୍ଥ ପ୍ରଦାନ ପୂର୍ବରୁ ବିଲ ଗୁଡ଼ିକୁ ଚେକ କରିବା ସଂଗେ ସଂଗେ କ୍ୟାସଗୁଡ଼ିକ ମଧ୍ୟ ନିରିକ୍ଷଣ କରିବେ । ସଂପାଦକ ଓଡିଶା ଗ୍ରାମ ପଞ୍ଚାୟତ ଆଇନ ୧୨୩ ଧାରା ଓ ୧୯୬୮ ମସିହାରେ ଗ୍ରାମ ପଞ୍ଚାୟତ ନିୟମ ଅନୁସାରେ ପୂର୍ବ ପ୍ରଦତ୍ତ କାର୍ଯ୍ୟମାନ ସଂପାଦନ କରିବେ ।

ଜିଲ୍ଲା ପଞ୍ଚାୟତ ଅଧିକାରୀ ମଧ୍ୟ ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନର ଧାରା ୧୦୯ ଅନୁସାରେ ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟକୁ ନିୟନ୍ତ୍ରଣ ଓ ତଦାରଖ କରିପାରିବେ ।

# ପଞ୍ଚାୟତ ସମିତି ସଭ୍ୟ / ସଭ୍ୟା, ଅଧ୍ୟକ୍ଷ/ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ / ଉପାଧ୍ୟକ୍ଷଙ୍କ କ୍ଷମତା ଓ କର୍ତ୍ତବ୍ୟ ।

**ପଞ୍ଚାୟତ ସମିତିର ସଭ୍ୟ / ସଭ୍ୟାଙ୍କ କ୍ଷମତା ଓ କର୍ତ୍ତବ୍ୟ:**

ପଞ୍ଚାୟତ ସମିତି ସଭ୍ୟ / ସଭ୍ୟା, ଅଧ୍ୟକ୍ଷ/ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ / ଉପାଧ୍ୟକ୍ଷଙ୍କ କ୍ଷମତା ଓ କର୍ତ୍ତବ୍ୟ ।

ପଞ୍ଚାୟତ ସମିତିର ସଭ୍ୟ / ସଭ୍ୟାଙ୍କ କ୍ଷମତା ଓ କର୍ତ୍ତବ୍ୟ:

୧) ସମିତିର ବୈଠକ ଗୁଡ଼ିକରେ ଭୋଟ ଦେବାର ଅଧିକାର ଅଛି । ( ଧାରା - ୧୬ ( ୧ ))
୨) ପଞ୍ଚାୟତ ସମିତିର ମାସିକ ବୈଠକରେ ଯୋଗଦାନ କରିବେ ।
୩) ପଞ୍ଚାୟତ ସମିତିରେ ଥିବା ବିଭିନ୍ନ ଷ୍ଟାଣ୍ଡିଂ କମିଟିର ସଦସ୍ୟ ଭାବରେ କାର୍ଯ୍ୟଭାର ତୁଲାଇ ପାରିବେ ।
୪) ଗ୍ରାମ ପଞ୍ଚାୟତ ଏବଂ ପଞ୍ଚାୟତ ସମିତି ମଧ୍ୟରେ ସମନ୍ୱୟ ରକ୍ଷା କରିବେ ।
୫) ବ୍ଲକ ଅଧିନରେ ଥିବା ଗ୍ରାମ ପଞ୍ଚାୟତ ମାନଙ୍କ କାର୍ଯ୍ୟ ସବୁ ଠିକ ହୋଇଛି କି ନାହିଁ ତା'ର ତଦନ୍ତ କରିବେ ।
୬) ଓଡ଼ିଶା ଗ୍ରାମ ପଞ୍ଚାୟତ ସଂଶୋଧନ ଆଇନ ୨୦୦୩ ଅନୁସାରେ ସେ ଗ୍ରାମ ପଞ୍ଚାୟତର ବୈଠକ ଓ ଅନ୍ୟାନ୍ୟ( ଗ୍ରାମସଭା, ପଲ୍ଲୀସଭା )ସଭାମାନଙ୍କରେ ସେ ଯୋଗଦେବେ । କିନ୍ତୁ ପଞ୍ଚାୟତ ଅଧିନିୟମ ଧାରା ୨୧ ଅନୁଯାୟୀ ଆହୂତ ବୈଠକରେ ସେ ଭୋଟ ଦେଇପାରିବେ ନାହିଁ ।

**ପଞ୍ଚାୟତ ସମିତିର ଅଧ୍ୟକ୍ଷ / ଅଧ୍ୟକ୍ଷା ( ଚେୟାର୍‌ମ୍ୟାନ୍ ) ଙ୍କ କ୍ଷମତା ଓ କର୍ତ୍ତବ୍ୟ:**

ଓଡ଼ିଶା ପଞ୍ଚାୟତ ସମିତି ଆଇନ ଧାରା- ୨୦ (କ) ଅନୁସାରେ ସମିତି ଚେୟାର୍‌ମ୍ୟାନ୍‌ଙ୍କର କ୍ଷମତା ଗୁଡ଼ିକ ହେଲା:-

- ପଞ୍ଚାୟତ ସମିତି ଦ୍ୱାରା ତିଆରି କରାଯାଇଥିବା କାର୍ଯ୍ୟକ୍ରମକୁ ବି.ଡ଼ି.ଓ ଙ୍କ ମାଧ୍ୟମରେ କାର୍ଯ୍ୟକାରୀ କରାଇବା ।
- ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରିବା ଓ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ତଦାରଖ କରିବା ।
- ପ୍ରାଥମିକ ଶିକ୍ଷାର ପ୍ରସାର, ପରିଚାଳନା ଓ ନିୟନ୍ତ୍ରଣ କରିବା ।
- ସରକାରୀ ନିର୍ଦ୍ଦେଶ ଅନୁଯାୟୀ ଯେ କୌଣସି ସଂସ୍ଥା ବା ଅନୁଷ୍ଠାନର ପରିଚାଳନା ।
- ଟୀକା ଦେବା, ଜନ୍ମ ମୃତ୍ୟୁ ପଞ୍ଜିକରଣ ( ରେକର୍ଡ ) କରିବା କାର୍ଯ୍ୟର ତଦାରଖ



- ସରକାରଙ୍କ ଠାରୁ ଅନୁମତି ନେଇ ଋଣ କରିବା ବା ଅନୁଦାନ ଦେବା ।
- ସମିତି ଅଧିନରେ ଥିବା ସମସ୍ତ ଗ୍ରାମପଞ୍ଚାୟତର କାର୍ଯ୍ୟ ତଦାରଖ କରିବା ।
- ଏହାଛଡ଼ା ସମୟ ସମୟରେ ସରକାର ଯେଉଁ କାର୍ଯ୍ୟଭାର ତାଙ୍କୁ ଦେବେ ତାହା ସେ ତୁଲାଇବେ ।
- ସରକାରଙ୍କର ନିୟନ୍ତ୍ରଣ ଏବଂ ସମିତିର ପରିଚାଳନାଧିନ ସବୁ ଅନୁଷ୍ଠାନଗୁଡ଼ିକ ଚେୟାର୍‌ମ୍ୟାନ୍ ଦେଖିପାରିବେ ଏବଂ ସମିତି ଦ୍ୱାରା କରାଯାଉଥିବା ଉନ୍ନତିମୂଳକ କାମର ତଦାରଖ କରିପାରିବେ ।
- ସମିତିର ବୈଠକ ଡାକିବେ ଏବଂ ତହିଁରେ ଅଧ୍ୟକ୍ଷତା କରିବେ ।
- ସମିତି ଦ୍ୱାରା କରାଯାଉଥିବା ସବୁ କାମ ତଦାରଖ କରିବେ ।

## ପଞ୍ଚାୟତ ସମିତି ଉପାଧ୍ୟକ୍ଷ / ଉପାଧ୍ୟକ୍ଷା (ଭାଇସ୍ ଚେୟାର୍‌ମ୍ୟାନ୍ ) ଙ୍କ କ୍ଷମତା ଓ କର୍ତ୍ତବ୍ୟ:

ଓଡ଼ିଶା ପଞ୍ଚାୟତ ସମିତି ଧାରା- ୨୦ ( କ ) ଅନୁସାରେ ଭାଇସ୍ ଚେୟାର୍‌ମ୍ୟାନ୍‌ଙ୍କର କ୍ଷମତାଗୁଡ଼ିକ ହେଲା:-

- ଭାଇସ୍ ଚେୟାର୍‌ମ୍ୟାନ୍‌ଙ୍କ ଉପରେ ଚେୟାର୍‌ମ୍ୟାନ୍ ଯେଉଁ କାର୍ଯ୍ୟ କରିବାକୁ ଦେବେ ତାହା ସେ ତୁଲାଇବେ ।
- ଚେୟାର୍‌ମ୍ୟାନ୍ ଅନୁପସ୍ଥିତିରେ ତାଙ୍କର ସବୁକାମ ତୁଲାଇବେ । ଉଲ୍ଲେଖ ଥାଉକି ଚେୟାର୍‌ମ୍ୟାନ୍ ଓ ଭାଇସ୍ ଚେୟାର୍‌ମ୍ୟାନ୍ ଯଦି ଅନୁପସ୍ଥିତ ଥାଆନ୍ତି, ତେବେ ଉପସ୍ଥିତ ଥିବା ସମିତି ସଭ୍ୟମାନଙ୍କ ମଧ୍ୟରୁ ଜଣକୁ ବୈଠକରେ ଅଧ୍ୟକ୍ଷତା କରିବା ପାଇଁ ନିର୍ବାଚିତ କରାଯିବ ।
- ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ଗୁଡ଼ିକର କାର୍ଯ୍ୟକାରୀ ଏବଂ ତଦାରଖ କରିବା ।
- ଦୁର୍ଦ୍ଦିନରେ ସାହାଯ୍ୟ କରିବା ନିମନ୍ତେ କାର୍ଯ୍ୟ କରିବା ।

## ଜିଲ୍ଲା ପରିଷଦ ସଭ୍ୟ / ସଭ୍ୟା, ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ / ଉପାଧ୍ୟକ୍ଷାଙ୍କ କ୍ଷମତା ଓ କର୍ତ୍ତବ୍ୟ ।

ଜିଲ୍ଲା ପରିଷଦ ସଦସ୍ୟ / ସଦସ୍ୟା ଙ୍କ କ୍ଷମତା ଓ କର୍ତ୍ତବ୍ୟ:

୧) ପରିଷଦ ବୈଠକର ଯୋଗଦାନ କରିବେ ।
୨) ପରିଷଦର ପ୍ରଶାସନ ସଂକ୍ରାନ୍ତୀୟ କୌଣସି ବିଷୟ ସମ୍ବନ୍ଧରେ ପ୍ରସ୍ତାବ ଆଗତ କରିପାରିବେ । ( ନିୟମ-୩୫)

୩) କୌଣସି ବିଷୟରେ ପ୍ରସ୍ତାବ ଆଗତ କରିବାକୁ ଚାହୁଁଥିଲେ, ସେ ପିଠାସୀନ ସଦସ୍ୟଙ୍କୁ ସାତ ପୂର୍ଣ୍ଣ ଦିବସର ନୋଟିସ୍ ଦେଇ ନିଜର ଇଚ୍ଛା ବ୍ୟକ୍ତ କରିପାରିବେ । ( ନିୟମ-୪୧ )
୪) ଅଧ୍ୟକ୍ଷଙ୍କୁ ଯଥାଯଥ ଭାବରେ ନୋଟିସ ପ୍ରଦାନ କରି, କାର୍ଯ୍ୟାଳୟ ସମୟ ଭିତରେ ପରିଷଦର ନଥିପତ୍ର ଦେଖିପାରିବେ । ( ନିୟମ-୭୩ )
୫) ପରିଷଦ ତଥା ସ୍ଥାୟୀ କମିଟି ଗୁଡ଼ିକର କାର୍ଯ୍ୟାନୁଷ୍ଠାନ ବିବରଣୀର ନକଲ ଅଧ୍ୟକ୍ଷଙ୍କର ପୂର୍ବ ଅନୁମୋଦନ କ୍ରମେ ସମ୍ପାଦକଙ୍କ ଠାରୁ ପାଇ ପାରିବେ ।
୬) ଏକ ପ୍ରସ୍ତାବ ଆଗତ ହେବାପରେ ଯେକୌଣସି ସମୟରେ ଏବଂ କୌଣସି ଏକ ବକ୍ତବ୍ୟର ଶେଷରେ "ବର୍ତ୍ତମାନ ପ୍ରଶ୍ନ ପଚରାଯିବ" ବୋଲି ପ୍ରସ୍ତାବ କରି ପାରିବେ । ( ନିୟମ-୭୫ )
୭) ଯେତେବେଳେ ଅଧ୍ୟକ୍ଷ ବା ଉପାଧ୍ୟକ୍ଷଙ୍କ ସ୍ଥାନ ଶୂନ୍ୟ ପଡ଼ିଥାଏ ସେତେବେଳେ ( ପୂର୍ବରୁ ଯଦି ଅଧ୍ୟକ୍ଷଙ୍କ ଦ୍ୱାରା ମନୋନୀତ ୩ ଜଣ ସଦସ୍ୟ ଭିତରେ ଥିବେ ) ଅଧ୍ୟକ୍ଷ କିମ୍ବା ଉପାଧ୍ୟକ୍ଷ ପଦାସୀନ ହେବା ପର୍ଯ୍ୟନ୍ତ ଅଧ୍ୟକ୍ଷଙ୍କ କ୍ଷମତା ପ୍ରୟୋଗ ଓ କାର୍ଯ୍ୟ ନିର୍ବାହ କରିବେ ।

## ଜିଲ୍ଲା ପରିଷଦ ଅଧ୍ୟକ୍ଷ / ଅଧ୍ୟକ୍ଷା ଙ୍କ କ୍ଷମତା ଓ କର୍ତ୍ତବ୍ୟ ( ଧାରା-୯ )

୧) ଅଧ୍ୟକ୍ଷ ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ କର୍ତ୍ତୃପକ୍ଷ ହେବେ ।
୨) ପରିଷଦର ସଂକଳ୍ପ ଗୁଡ଼ିକ ତାଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯିବ । ଜରୁରୀକାଳିନ ପରିସ୍ଥିତିରେ ପରିଷଦର ପରବର୍ତ୍ତୀ ବୈଠକରେ ଅନୁମୋଦନ ସାପେକ୍ଷରେ ସେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ।
୩) ସମୟ ସମୟରେ ତାଙ୍କର କିମ୍ବା ଉପାଧ୍ୟକ୍ଷଙ୍କ ଅନୁପସ୍ଥିତିରେ କାର୍ଯ୍ୟନିର୍ବାହ କରିବା ପାଇଁ ତିନିଜଣ ପରିଷଦ ସଦସ୍ୟଙ୍କ ତାଲିକା ପ୍ରସ୍ତୁତ କରିବେ ।

## ଜିଲ୍ଲା ପରିଷଦ ଉପାଧ୍ୟକ୍ଷ / ଉପାଧ୍ୟକ୍ଷାଙ୍କ କ୍ଷମତା ଓ କର୍ତ୍ତବ୍ୟ:

୧) ଯେତେବେଳେ ଅଧ୍ୟକ୍ଷଙ୍କ ପଦ ଶୂନ୍ୟ ପଡ଼ିଥାଏ କିମ୍ବା ଯେତେବେଳେ ଅଧ୍ୟକ୍ଷ ଜିଲ୍ଲାରୁ ନିରବଚ୍ଛିନ୍ନ ଭାବେ ପନ୍ଦର ଦିନରୁ ଅଧିକକାଳ ଅନୁପସ୍ଥିତ ରହନ୍ତି, ସେତେବେଳେ ନୂତନ ଅଧ୍ୟକ୍ଷ ନିର୍ବାଚିତ ହେବା ପର୍ଯ୍ୟନ୍ତ ଅଧ୍ୟକ୍ଷଙ୍କର କ୍ଷମତା ପ୍ରୟୋଗ କରିବେ ଓ କାର୍ଯ୍ୟ ପରିଚାଳନା କରିବେ ।



## ପଞ୍ଚାୟତ ରାଜ

ଗୀତିକାର - ଆନନ୍ଦ ଚନ୍ଦ୍ରପହି



ଆମରି ଗାଆଁରେ ଆମ ସରକାର
ଶାସନ ଆମରି ହାତେ
ଗାଆଁର ଉନ୍ନତି କରିଯିବା ଆମେ
କୃଷି, ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରେ
ପଞ୍ଚାୟତରାଜେ ରାଜ ଆମର
କରିଯିବା କାମ ଯେତେ
ଅଧିକାର ଆମ ହାତେ......... ।୦।

ରାଜ୍ୟ ଆଉ କେନ୍ଦ୍ର ସରକାରଙ୍କର
ଯୋଜନା ଯେତେକ ନୂଆଁ
ସବୁ ଆଣି ଆମେ କାମେ ଲଗାଇବା
ହସିବ ଆମରି ଗାଆଁ
ଗାଆଁର ସଡ଼କ କୂଅ ପୋଖରୀ
ତିଆରିବା ଆମ ହାତେ
ଅଧିକାର ଆମହାତେ ........ ।୧।

ଆମ ପଞ୍ଚାୟତେ ଅଛି ଯା ସମ୍ବଳ
ଆମେ ସବୁ ଜାଣିଯିବା
ସେଇ ସମ୍ବଳକୁ ବ୍ୟବହାର କରି ନିଜ ଗାଆଁକୁ ଗଢ଼ିବା
ଜନହିତକର କାମ କରିଯିବା
ମିଳାଇ ହାତକୁ ହାତେ
ଅଧିକାର ଆମହାତେ....... ।



'ପଲ୍ଲୀସଭା'ରେ ଯୋଜନା ହେବ,
'ଗ୍ରାମସଭା' ତାକୁ ମଞ୍ଜୁରି ଦେବ ।

# ତ୍ରୀସ୍ତରୀୟ ପଞ୍ଚାୟତରାଜ - ୭୩ ତମ ସମ୍ବିଧାନ ସଂଶୋଧନ

୭୩ ତମ ଏ ସମ୍ବିଧାନ ସଂଶୋଧନ ଆଣିଦେଲା ନୂଆ ଆଇନ
   ଆମେ ତାକୁ ଜାଣିବା, ଆମେ ଏକାଠି ହେବା ( ୨ଥର)
ଆମରି ନାଆରେ ଆମେ ନାଉରୀ
   ୭୩ ତମ ସମ୍ବିଧାନ..... ( ୧ )
ଆଗରୁ ସବୁ ଆସୁଥିଲା ଯୋଜନା ଦିଲ୍ଲୀରୁ
   ଏବେତ ଆମେ ଗାଁରେ ବସି ଯୋଜନା କଲୁ
ଆମ ଗାଁ ଅସୁବିଧା ଆମ ଗାଁ ସମସ୍ୟା (୨ଥର)
   ସମାଧାନ ପାଇଁ ଆମେ କରୁ ଯୋଜନା
୭୩ ତମ ସମ୍ବିଧାନ ......... ( ୨ )
 ପଲ୍ଲୀସଭାକୁ ମିଳିଲା ଏବେ କେତେ କ୍ଷମତା
 ଗ୍ରାମସଭାକୁ ମିଳିଲା ଏବେ କେତେ କ୍ଷମତା
 ଯେତେ କାମ ହେବ ଯେତେ ଖରଚ ହେବ (୨ଥର)
 ସବୁରି ହିସାବ ଆମେ ଜାଣିବା
  ୭୩ ତମ ଏ ସମ୍ବିଧାନ
 ୧୦୦ ରୁ ଏବେ ୩୩ ଜଣ ମହିଳା ଯିବେ
 ପଞ୍ଚାୟତ ଶାସନରେ ଭାଗତ ନେବେ
 ପଲ୍ଲୀସଭାକୁ ଯିବା ଗ୍ରାମସଭାକୁ ଯିବା (୨ଥର)
 ଗାଁର ଉନ୍ନତି ମିଶି କରିବା
  ୭୩ ତମ ଏ ସମ୍ବିଧାନ
 ସଂଶୋଧନ ଆଣିଦେଲା ନୂଆଁ ଆଇନ ।






# ତ୍ରୀସ୍ତରୀୟ ସରକାର

ସ୍ୱର - ହାଏକୃଷ୍ଣ ହାଏ କୃଷ୍ଣ

ଶୁଣ ଶୁଣ ଭାଇଗଣ ( ୨ ) ସରକାର ଲୀଳା ହୋ
   ଆଗେ ଥିଲେ ଦୁଇ ଏବେ ତିନି ହୋଇଲା
ନୂଆ ଆଇନ ଆସିଗଲା ଯୁଗ ବଦଳିଗଲା ହୋ ......
      ଆଗେଥିଲେ ... ୧
କେନ୍ଦ୍ର ଆଉ ରାଜ୍ୟ ବୋଲି ଦୁଇ ଭାଇଥିଲେ
   ଆଉ ଏକ ନୂଆ ଭାଇ ସଂଗେ ମିଶିଗଲେ
ପଞ୍ଚାୟତିରାଜ ବୋଲି ( ତାଙ୍କ ) ନାମ ଦିଆଗଲା ହୋ......
      ଆଗେଥିଲେ ... ୨
ପଲ୍ଲୀସଭା, ଗ୍ରାମସଭା, ପଞ୍ଚାୟତ ଗଣରେ ଭାଇ
   ପଞ୍ଚାୟତ ସମିତି, ଜିଲ୍ଲା ପରିଷଦ ଜାଣ
ଏହା ମିଶି ପଞ୍ଚାୟତ ସରକାର ହେଲା ହୋ....
      ଆଗେଥିଲେ ... ୩
ପ୍ରଦେଶ ସ୍ତରରେ ହେଲା ରାଜ୍ୟ ସରକାର ହୋଇ ଭାଇ
   କେନ୍ଦ୍ରୟସ୍ତରେ ହୋଇଲା କେନ୍ଦ୍ର ସରକାର
ଏହି ତିନି ସରକାର ହାତେ ଶାସନ ରହିଲା ହୋ......
      ଆଗେଥିଲେ ... ୪
ତିନିକୁ ତିନି ସମାନ ନାହିଁ ବଡ ସାନ ହୋ ଭାଇ
   ତିନି ହେଁ କରିବେ ଦେଶେ ଶାନ୍ତିର ସ୍ଥାପନ
ଶାସନ ବ୍ୟବସ୍ଥା ଏଠୁଁ ଆରମ୍ଭ ହୋଇଲା ହୋ....
      ଆଗେଥିଲେ ... ୫
ତେୟସ୍ତରୀ ସଂବିଧାନ ହେଲା ସଂଶୋଧନ ଭାଇ
   ଏହାଦ୍ୱାରା ତ୍ରିସ୍ତରୀୟ ସରକାର ଗଠନରେ ଭାଇ
ଏକଥାକୁ ଭୁଲିଗଲେ ବୁଡ଼ିଯିବା ଭେଳା ହୋ......
      ଆଗେଥିଲେ ... ୬



# ପଞ୍ଚାୟତିରାଜରେ ନାରୀ

ସ୍ୱର - କୁଆଁର୍ ପୁନେଇ ଜହ୍ନଗୋ ଫୁଲ ବଉଳ

କହୁଛି ଏକ କାହାଣୀ ଗୋ ମାର ମାଆ ଭଉଣୀ
ମହିଳା ଜାତିର୍ ଗରବ, ଗୌରବ ( ୨ )
ଯାଉଛି ଏବେ ବଖାଣି ଗୋ ମୋର୍ ... ୧
ଯୁଗ ଯୁଗ ଧରି ନାରୀ ଗୋ ମୋର୍ ମାଆ ଭଉଣୀ
ପ୍ରଳୟଙ୍କରୀ ବେଳେ ପୁରୁଷମାନଙ୍କୁ
ସାହା ହୋଇଛି ନାରୀ ଗୋ ମୋର୍ ... ୨




ଆଧୁନିକ ଯୁଗେ କେତେ ଗୋ ମୋର୍ ମାଆ ଭଉଣୀ
ମହିଳାମାନଙ୍କ ପ୍ରତିଭାର ଚିହ୍ନ
ଦେଇଗଲେ ଦେଶହାତେ ଗୋ ମୋର୍ ...୩
ତଥାପି ଜନ ସମାଜେ ଗୋ ମୋର୍ ମାଆ ଭଉଣୀ
ମହିଳାମାନଙ୍କ ଘୃଣା କରୁଥିଲେ
(କିନ୍ତୁ) ବଦଳି ଗଲା ତା ଆଜ
ଗୋ ମୋର୍ ଭଉଣୀ ...୪
ତେୟସ୍ତରୀ ସମ୍ବିଧାନ ଗୋ ମୋର୍ ମାଆ ଭଉଣୀ
ସଂଶୋଧନ ଦ୍ୱାରା ନୂତନ ସୁଯୋଗ ( କ୍ଷମତା )
ହାତେ ଆସିଗଲା ଜାଣ ଗୋ ମୋର୍ ...୫
ସରକାର୍ ଚିନ୍ତା କଲେ ଗୋ ମୋର୍ ମାଆ ଭଉଣୀ
ଏକ ତୃତୀୟାଂଶ ନାରୀ ଜାତିପାଇଁ
ସ୍ଥାନ ସଂରକ୍ଷଣ କଲେ ଗୋ ମୋର୍ ...୬



ଏତେ ଦିନ ପରେ ଜାଣି ଗୋ ମୋର୍ ମାଆ ଭଉଣୀ
ପଞ୍ଚାୟତରାଜେ ନାରୀର ଭୂମିକା
ହୋଇଲା ଗୁରୁତ୍ୱପୂର୍ଣ୍ଣ ଗୋ ମୋର୍ ...୭
ଆଗରେ ଥିଲା ଘରଣୀ ଗୋ ମୋର୍ ମାଆ ଭଉଣୀ
ତେୟସ୍ତରୀ ତମ ସଂଶୋଧନ ଯୋଗୁଁ
ଏବେ ହୋଇଲା ତାରିଣୀ ଗୋ ମୋର୍ ...୮



| କିଏ ? | କଣ କରିବେ ? |
|---|---|
| ପଲ୍ଲୀସଭା | ଯୋଜନା ପ୍ରସ୍ତୁତି |
| ଗ୍ରାମସଭା | ସୁପାରିଶ |
| ପଞ୍ଚାୟତ | ଅନୁମୋଦନ |
| ପଞ୍ଚାୟତ ସମିତି | ଅଟକଳ ପ୍ରସ୍ତୁତି |
| ଜିଲ୍ଲା ପରିଷଦ | ଅଟକଳ ପ୍ରସ୍ତୁତିର ବ୍ୟାଖ୍ୟା |
| ରାଜ୍ୟ ଅର୍ଥକମିଶନ | ବିଚାର ବିମର୍ଶ |
| ପଞ୍ଚାୟତ ଅର୍ଥକମିଶନ | ସମ୍ବଳ ଯୋଗାଡ଼ |

ସୌଜନ୍ୟ : ଉକ୍ତ ସଂସ୍କରଣ ନିମନ୍ତେ ସି.ଡାଇ, ଏସ୍.ଡି, ବିଶ୍ୱାସ, ଫୀର୍ ଦ୍ୱାରା ପ୍ରକାଶିତ ପତ୍ରିକା, ବହି ତଥା ପଞ୍ଚାୟତରାଜ ମାନୁଏଲ୍‌ର କେତେକାଂଶ ଚିତ୍ର ଓ ଲେଖାକୁ ବ୍ୟବହାର କରାଯାଇଅଛି ।